

୭୭ ତମ ସାଧାରଣତନ୍ତ୍ର ଦିବସର
ଶୁଭେଚ୍ଛା ଓ ଶୁଭକାମନା

THE HARSIKA

# ହର୍ଷିକା

ଏକ ନୂଆ ଆହ୍ୱାନ... ଓଡ଼ିଆ ଖବର

Harsika Media
ଏକ ନୂଆ ଆହ୍ୱାନ..

PRIG No. :ORORI/26/A0387
A Unit of Harsika Media

Web : www.harsikamedia.com
Facebook : Harsika Media
Youtube : Harsika Media

• VOL. NO. 01 • ISSUE NO. 01 • CUTTACK • WEEKLY • 26 JANUARY-1 FEBRUARY, 2026 • RS. 7.00 • PAGE-8

• ଭାଗ-୦୧ • ସଂଖ୍ୟା-୦୧ • କଟକ • ସାପ୍ତାହିକ • ୨୬ ଜାନୁଆରୀ-୧ ଫେବୃଆରୀ ୨୦୨୬ • ମୂଲ୍ୟ : ଟ.୭.୦୦ • ପୃଷ୍ଠା-୮


# ଏପ୍ରିଲ ୧୬ରୁ ଓଡ଼ିଶାରେ ଜନଗଣନା



ଭୁବନେଶ୍ୱର : ଏପ୍ରିଲ ୧୬ରୁ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ଜନଗଣନା। ଏପ୍ରିଲ ୧୬ରୁ ମେ ୧୫ ଯାଏଁ ଚାଲିବ ଜନଗଣନା। ୩୦ ଦିନ ଧରି ପ୍ରଥମ ପର୍ଯ୍ୟାୟରେ ଘର ଗଣନା କରାଯିବ। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରଥମ ବିପର୍ଯ୍ୟୟରେ ଘର ଏବଂ ଆସବାପାତ୍ର ଗଣନା ହେବ। ଦ୍ୱିତୀୟ ପର୍ଯ୍ୟାୟରେ ଘରକୁ ଘର ହେବ ଜନ ଗଣନା। ନିଯୁକ୍ତ ହେବେ ଲକ୍ଷାଧିକ ଜନଗଣନା ଅଧିକାରୀ। ଏହା ପୂର୍ବରୁ ସବୁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି ଉନ୍ନୟନ କମିଶନର। ଲୋକସେବା ଭବନରେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଜନଗଣନା ସମନ୍ୱୟ କମିଟି ବୈଠକରେ ତାରିଖ ଧାର୍ଯ୍ୟ ହୋଇଥିଲା। ରାଜ୍ୟରେ ଜନଗଣନା ପାଇଁ ୬ମାସ ଧରି ପ୍ରସ୍ତୁତି ଚାଲିଥିଲା। ଭୁବନେଶ୍ୱର କଟକରେ ପ୍ରି-ଟେଷ୍ଟ ସରିଛି। ଆସନ୍ତା ୩ ମାସ ଧରି ଜନଗଣନା ଅଧିକାରୀଙ୍କୁ ଦିଆଯିବ ଟ୍ରେନିଂ। ୨୦୦ ଘର ପାଇଁ ଜଣେ ଜନଗଣନା ଅଧିକାରୀ ନିଯୁକ୍ତ ହେବେ। ୬ ଜଣ ଅଧିକାରୀଙ୍କ ପାଇଁ ଜଣେ ସୁପ୍ରଭାଇଜର ନିଯୁକ୍ତ ହେବେ। ପ୍ରାୟ ଲକ୍ଷେ ଜନଗଣନା ଅଧିକାରୀ ନିଯୁକ୍ତ କରାଯିବ। ଜଣେ ଜନଗଣନା ଅଧିକାରୀଙ୍କୁ ୨୫ ହଜାର ଆର୍ଥିକ ପ୍ରୋତ୍ସାହନ ଦିଆଯିବ। ଏପ୍ରିଲ ୧୬ ରୁ ମେ ୧୫ ଭିତରେ ପ୍ରଥମ ଫେଜରେ ଘର ମାର୍କ ହେବ। ୨୦୨୭ ଫେବ୍ରୁଆରିରୁ ଦ୍ୱିତୀୟ ପର୍ଯ୍ୟାୟରେ ଜନ ଗଣନା ହେବ।

# ବଦଳିଲା ଟୋଲ୍ ଟ୍ୟାକ୍ସ ନିୟମ; ନିର୍ମାଣ କାର୍ଯ୍ୟ ସମୟରେ ମିଳିବ ଲାଭ

ନୂଆଦିଲ୍ଲୀ : ଜାତୀୟ ରାଜପଥରେ ଯାତ୍ରା କରୁଥିବା ଲକ୍ଷ ଲକ୍ଷ ଗାଡ଼ି ଚାଳକଙ୍କ ପାଇଁ ସରକାର ଏକ ବଡ଼ ଆଶ୍ୱସ୍ତି ଘୋଷଣା କରିଛନ୍ତି। ଲୋକମାନେ ପ୍ରାୟତଃ ଅଭିଯୋଗ କରିଛନ୍ତି ଯେ ରାସ୍ତା ନିର୍ମାଣ ସମୟରେ ମଧ୍ୟ ପୁରା ଟୋଲ୍ ଟିକସ ଆଦାୟ କରାଯାଏ, ଯେତେବେଳେ ଟ୍ରାଫିକ୍ ଜାମ୍, ଧୂଳି ଏବଂ ଅସୁବିଧା ଲାଗି ରହିଥାଏ। ଏହି ଚିନ୍ତାକୁ ଦୂର କରି, କେନ୍ଦ୍ର ସରକାର ଟୋଲ୍ ଟିକସ ନିୟମରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛନ୍ତି। ଯାହା ଯାତ୍ରୀଙ୍କ ପକେଟ ଉପରେ ବୋଝକୁ ଯଥେଷ୍ଟ ହ୍ରାସ କରିବ। ନିର୍ମାଣ କାର୍ଯ୍ୟ ସମୟରେମିଳିବ ଲାଭ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଜାତୀୟ ରାଜପଥ ଫି ନିୟମ, ୨୦୦୮ ରେ ସଂଶୋଧନ କରିଛି। ଏହି ନିୟମ ଅନୁଯାୟୀ, ଯଦି ଏକ ଦୁଇ ଲେନ୍କୁ ଚାରି ଲେନ୍ କିମ୍ବା ତା'ଠାରୁ ଅଧିକକୁ ପ୍ରଶସ୍ତ କରାଯାଉଛି, ତେବେ ସେହି ସମୟ ମଧ୍ୟରେ ଗାଡି ଚାଳକଙ୍କ ଠାରୁ ସମ୍ପୂର୍ଣ୍ଣ ଟୋଲ୍ ଟିକସ ଆଦାୟ କରାଯିବ ନାହିଁ। ନିର୍ମାଣ ଆରମ୍ଭ ହେବା ଦିନ ଠାରୁ ପ୍ରକଳ୍ପ ସମାପ୍ତ ହେବା ପର୍ଯ୍ୟନ୍ତ, ଯାତ୍ରୀମାନଙ୍କୁ ନିର୍ଦ୍ଧାରିତ ଟୋଲର କେବଳ ୩୦ ପ୍ରତିଶତ ଦେବାକୁ ପଡିବ। ଯାହା ୭୦ ପ୍ରତିଶତ ଛାଡ଼କୁ ପ୍ରତିନିଧିତ୍ୱ କରେ।

ନୂତନ ନିୟମ କେବେ କାର୍ଯ୍ୟକାରୀ ହେବ ? ସରକାର ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଛନ୍ତି ଏବଂ ଏହି ନୂତନ ନିୟମ ନୂତନ ବର୍ଷରୁ କାର୍ଯ୍ୟକାରୀ ହେବ। ଏହି ନିୟମ କେବଳ ନୂତନ ପ୍ରକଳ୍ପ ପାଇଁ ସୀମିତ ରହିବ ନାହିଁ, ବରଂ ସମସ୍ତ ଜାତୀୟ ରାଜପଥରେ ମଧ୍ୟ ପ୍ରଯୁଜ୍ୟ ହେବ ଯେଉଁଠାରେ ଦୁଇ ଲେନ୍ ରାସ୍ତାକୁ ଚାରି ଲେନରେ ପରିବର୍ତ୍ତନ କରାଯାଉଛି। ଚାରି ଲେନ୍ ବିଶିଷ୍ଟ ରାଜପଥକୁ ଛଅ କିମ୍ବା ଆଠ ଲେନ୍ ବିଶିଷ୍ଟ ରାଜପଥରେ ପରିଣତ କରାଯାଉଛି। ତେବେ ଯାତ୍ରୀମାନଙ୍କୁ ଟୋଲ୍ ଟିକସରେ ୨୫ ପ୍ରତିଶତ ରିହାତି ଦିଆଯିବ। ଏପରି କ୍ଷେତ୍ରରେ, ଡ୍ରାଇଭରମାନଙ୍କୁ ନିର୍ଦ୍ଧାରିତ ଟୋଲର କେବଳ ୭୫ ପ୍ରତିଶତ ଦେବାକୁ ପଡିବ। ଏହା ଉଲ୍ଲେଖନୀୟ ଯେ ଟୋଲ୍ ରାସ୍ତାର ମୂଲ୍ୟ ସମ୍ପୂର୍ଣ୍ଣ ଭାବରେ ଆଦାୟ ହେବା ପରେ କେବଳ ୪୦ ପ୍ରତିଶତ ଟୋଲ୍ ଟିକସ ଆଦାୟ କରିବା ପାଇଁ ପୂର୍ବରୁ ଏକ ନିୟମ ପ୍ରଯୁଜ୍ୟ। ଏବେ, ନୂତନ ପରିବର୍ତ୍ତନ ସହିତ, ନିର୍ମାଣ ସମୟରେ ମଧ୍ୟ ଯାତ୍ରୀମାନେ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପାଇବେ।



## ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ

ମାନ୍ୟବର ମନ୍ତ୍ରୀ
ଆଇନ, ପୂର୍ତ୍ତ ଅବକାରୀ ବିଭାଗ
ଓଡ଼ିଶା ସରକାର

**ବାର୍ତ୍ତା**

ସାପ୍ତାହିକ ସମ୍ବାଦପତ୍ର 'ହର୍ଷିକା ଓଡ଼ିଆ ଖବର' ୨୦୨୬ ଜାନୁଆରୀ ୨୬ ତାରିଖ ଦିନ ଆତ୍ମପ୍ରକାଶ କରୁଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ ।

ଜନସାଧାରଣଙ୍କୁ ଖବର ପରିବେଷଣ ସହ ବିଭିନ୍ନ ମନୋରଞ୍ଜନଧର୍ମୀ ଖବର, ଗଳ୍ପ, କବିତା, ସ୍ୱାସ୍ଥ୍ୟ ସମାଚାର ଆଦି ବହୁ ଉପାଦେୟ ବିଷୟରେ ଅବଗତ କରାଇବାରେ ସାପ୍ତାହିକ ଖବରକାଗଜ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ସାପ୍ତାହିକ ସମ୍ବାଦପତ୍ର 'ହର୍ଷିକା ଓଡ଼ିଆ ଖବର' ସତ୍ୟ, ନିରପେକ୍ଷ ଓ ଦାୟିତ୍ୱପୂର୍ଣ୍ଣ ସମ୍ବାଦ ପରିବେଷଣ କରି ନିଜର ସାମାଜିକ ପ୍ରତିବଦ୍ଧତାର ପରିଚୟ ଦେବ ବୋଲି ମୋର ଆଶା ।

ମୁଁ ସାପ୍ତାହିକ ସମ୍ବାଦପତ୍ର 'ହର୍ଷିକା ଓଡ଼ିଆ ଖବର' ସହ ସଂପୃକ୍ତ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହାର ପାଠକୀୟ ଆଦୃତି ଓ ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

(ପୃଥ୍ୱୀରାଜ ହରିଚନ୍ଦନ)



## ଶ୍ରୀମତୀ ସ୍ମୃତି ପଟ୍ଟନାୟକ

ରାଜ୍ୟ ସମ୍ପାଦିକା,
ବିଜେପି ଓଡିଶା

**ବାର୍ତ୍ତା**

ସାପ୍ତାହିକ ଖବରକାଗଜ "ହର୍ଷିକା ଓଡ଼ିଆ ଖବର " – ଏକ ନୂଆ ଆହ୍ୱାନ ର ପ୍ରଥମ ସଂସ୍କରଣ ଅବସରରେ ଏହାର ସମ୍ପାଦକମଣ୍ଡଳୀ, ସାମ୍ବାଦିକବୃନ୍ଦ, କର୍ମଚାରୀମାନେ ଏବଂ ସମସ୍ତ ପାଠକବୃନ୍ଦଙ୍କୁ ମୋର ହୃଦୟପୂର୍ଣ୍ଣ ଅଭିନନ୍ଦନ ଓ ଶୁଭେଚ୍ଛା।

ସାଧାରଣ ଲୋକଙ୍କ ସ୍ୱରକୁ ମୁଖ୍ୟଧାରାକୁ ଆଣିବା, ସମାଜର ଅନ୍ତିମ ପଙ୍କ୍ତିରେ ଥିବା ମଣିଷଙ୍କ ଦୁଃଖ–ଦୁର୍ଦ୍ଦଶାକୁ ଉଜାଗର କରିବା ଓ ସାମାଜିକ ନ୍ୟାୟ ପାଇଁ ସ୍ୱର ଉଠାଇବାରେ "ହର୍ଷିକା ଓଡ଼ିଆ ଖବର" ଏକ ଦାୟିତ୍ୱଶୀଳ ଗଣମାଧ୍ୟମ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିବ ମୋର ଆଶା।

ଗ୍ରାମ–ସହର, ଶ୍ରମିକ–କୃଷକ, ମହିଳା–ଯୁବକ ସମେତ ସମାଜର ସମସ୍ତ ବର୍ଗର ସମସ୍ୟାକୁ ସତ୍ୟ ଓ ସାହସର ସହିତ ଉପସ୍ଥାପନ କରିବା ଏହି ଖବରକାଗଜର ମୁଖ୍ୟ ଶକ୍ତି ହେବ ବୋଲି ମୋର ବିଶ୍ୱାସ । ଗଣମାଧ୍ୟମ କେବଳ ଖବର ପ୍ରସାରଣର ମାଧ୍ୟମ ନୁହେଁ, ଏହା ସମାଜ ପରିବର୍ତ୍ତନର ଏକ ଶକ୍ତିଶାଳୀ ଉପକରଣ। ଏହି ଦାୟିତ୍ୱକୁ "ହର୍ଷିକା" ସଦା ନିଷ୍ଠାର ସହିତ ପାଳନ କରିବା ସହିତ ଆଗାମୀ ଦିନରେ ଏହା ଆହୁରି ଜନମୁଖୀ, ସାହସୀ ଓ ସମାଜ ପ୍ରେରଣାଦାୟକ ହେବ ବୋଲି ମୋର ବିଶ୍ୱାସ।

ଆଗାମୀ ଦିନରେ "ହର୍ଷିକା" ଜନସେବା, ସାମାଜିକ ନ୍ୟାୟ ଓ ସଚେତନତାର ଆଲୋକକୁ ଆହୁରି ପ୍ରସାରିତ କରୁ—ଏହି ଶୁଭକାମନା ସହିତ ସମସ୍ତଙ୍କୁ ପୁନର୍ବାର ଅଭିନନ୍ଦନ।



## Dr. Pravat Ranjan Biswal

Ex-MLA
CHOUDWAR-CUTTACK

I extend my warm greetings and sincere congratulations to **"Harsika Odia Khabar"** on the auspicious occasion of the release of its First Edition, coinciding with the celebration of the **77th Republic Day of India**.

The press plays a pivotal role in strengthening democracy by disseminating truthful information, nurturing social awareness, and upholding our constitutional values. A weekly Odia newspaper like Harsika Odia Khabar, published from Cuttack, will undoubtedly contribute to highlighting social, cultural, developmental, and national issues while preserving the rich linguistic and cultural heritage of Odisha.

I am confident that Harsika Odia Khabar will maintain high standards of ethical journalism and serve as a responsible voice of the people.

I wish the entire editorial team great success and a meaningful journey ahead.



## Souvic Biswal

MLA
CHOUDWAR-CUTTACK

**MESSAGE**

I extend my heartiest congratulations and best wishes to **"Harsika Odia Khabar"** on the occasion of the release of its First Edition, coinciding with the **77th Republic Day** of our great nation.

The media plays a vital role in strengthening democracy by spreading awareness, preserving our culture, and giving voice to public aspirations. An Odia weekly like Harsika Odia Khabar, published from Cuttack, will certainly contribute to highlighting social, cultural, developmental, and national issues, while promoting the rich heritage of Odisha.

I am confident that this newspaper will uphold the highest standards of responsible journalism and serve as a strong platform for constructive dialogue and public enlightenment.

I wish Harsika Odia Khabar great success and a long, impactful journey in the field of journalism.

Jai Hind. Jai Odisha.

(Souvic Biswal)
MLA
Choudwar-Cuttack

THE HARSIKA
ହର୍ଷିକା
ଏକ ନୂଆ ଆହ୍ୱାନ... ଓଡ଼ିଆ ଖବର
୨୬ ଜାନୁଆରୀ-୧ ଫେବୃଆରୀ, ୨୦୨୬

# ସାଧାରଣତନ୍ତ୍ରର ସଂଜ୍ଞା

ସାଧାରଣତନ୍ତ୍ର ଦିବସଟି ସ୍ୱାଭାବିକ ଭାବେ ପ୍ରତିଟି ଭାରତୀୟଙ୍କ ପାଇଁ ଏକ ଆନନ୍ଦ, ଆତ୍ମସମୀକ୍ଷା ଓ ଗୌରବର ଦିନ। ସତସଙ୍ଗର ପ୍ରତିଷ୍ଠାତା ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ଗ୍ରନ୍ଥ ସତ୍ୟାନୁସରଣରେ ଭାରତବାସୀଙ୍କୁ ଆହ୍ୱାନ ଜଣାଇଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ। ଭାରତର ଅବନତି ସେହି ସମୟରୁ ଆରମ୍ଭ ହୋଇଛି ଯେଉଁ ସମୟରୁ ଭାରତବାସୀଙ୍କ ପାଖରେ ଅମୂର୍ତ୍ତ ଭଗବାନ ଅସୀମ ହୋଇ ଉଠିଛନ୍ତି - ଋଷିଙ୍କୁ ବାଦ ଦେଇ ଋଷି ବାଦର ଉପାସନା ଆରମ୍ଭ ହୋଇଛି। ଭାରତ ! ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ, ତେବେ ସମ୍ପ୍ରଦାୟଗତ ବିରୋଧ ଭୁଲି, ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧାସମ୍ପନ୍ନ ହୁଅ - ଆଉ ତୁମର ମୂର୍ତ୍ତ ଓ ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ, ଏବଂ ସେହି ମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାଙ୍କୁ ଭଲ ପାଆନ୍ତି। କାରଣ ପୂର୍ବବର୍ତ୍ତୀଙ୍କୁ ଅଧିକାର କରିହିଁ ପରବର୍ତ୍ତୀଙ୍କର ଆବିର୍ଭାବ। ସମଗ୍ର ମାନବ ଜାତିକୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆହ୍ୱାନ ଦେଇ କହିଲେ - ସର୍ବପ୍ରଥମ ଆମ୍ଭମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ। ସାହସୀ ହେବାକୁ ହେବ, ବୀର ହେବାକୁ ହେବ। ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା। ତଡ଼ ଯେତେ ଶୀଘ୍ରପାର ଏହି ରକ୍ତ ଶୋଷଣକାରୀ ଅବସାଦ ଉତ୍ପାଦକ ବାଦୁଡ଼ିକୁ। ସ୍ମରଣ କର ତୁମେ ଶକ୍ତିର ତନୟ, ସ୍ମରଣ କର ତୁମେ ପରମପିତାଙ୍କ ସନ୍ତାନ। ହଟି ଯିବାଟା ବରଂ ଦୁର୍ବଳତା ନୁହେଁ କିନ୍ତୁ ଚେଷ୍ଟା ନକରିବା ହିଁ ଦୁର୍ବଳତା। ଧର୍ମର ସର୍ବସମନ୍ୱୟୀ ବ୍ୟାଖ୍ୟାରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଲେ - ଧର୍ମ କେବେ ହେଲେ ବହୁ ହୁଏନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ। ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହା ବୋଲି ଧର୍ମ ବହୁତ ହୋଇପାରେ ନାହିଁ। ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିୟାନ ଧର୍ମ, ବୌଦ୍ଧ ଧର୍ମ ଇତ୍ୟାଦି କଥା ମୋ ମତରେ ଭୁଲ, ବରଂ ସେ ସବୁ ଗୁଡ଼ିକ ମତ। କୌଣସି ମତ ସହିତ କୌଣସି ମତର ପ୍ରକୃତ ପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ - ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ। ସତ୍‌ସଙ୍ଗ ଚାହେଁ ଭାରତ ଏକ ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ରାଷ୍ଟ୍ର ହେଉ। ଆମେ କଂଗ୍ରେସ ମୁକ୍ତ ଭାରତ ଚାହୁଁନା, ବା ସଂଘ ମୁକ୍ତ ଭାରତ ଚାହୁଁନା। ଆମେ ଚାହୁଁ ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ଭାରତ। ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଉଦ୍ଦାମ କଣ୍ଠରେ ଗାଇ ଉଠିଲେ - 'ଆର୍ଯ୍ୟ ଭାରତ ବର୍ଷ ମୋର ଜ୍ଞାନ ଗରିମା ଗରବିନୀ, ଦ୍ୟୁତିପ୍ରେକ୍ଷା ସ୍ଫୁରକ ପ୍ରଜ୍ଞା ଦ୍ୟୁଲୋକ ଦୀପକ ମାଳିନୀ, ରକ୍ତ ତପନ କ୍ଷିପ୍ତ ଆଲୋକ ରଶ୍ମି ପୁଲକ ଝଲକ ଝଲକ, ଦୀପ୍ତ ରିକ୍ତ ପାବକ ଅନଘ ମୃତ୍ୟୁ ବିଜୟ ଦାୟିନୀ ! ହୋମର ଅନଳ ନାଚେ ଛଳ ଛଳ ବହେ ସରସ୍ୱତୀ ସିନ୍ଧୁ ପ୍ରବହ, ହୃଷଦ୍ୱତୀ ଦେଲା ଅର୍ଘ୍ୟ ଆଂଚଳ ସ୍ଫୁରିତ ଇନ୍ଦୁ ସ୍ମିତ ଟଳ ଟଳ, ଚଲେ ଭାଗିରଥୀ ଡାକେ କଳକଳ, ସାଗର ଧୌତ ଚରଣ ଯୁଗଳ ତୁଙ୍ଗ ଧବଳ କିରୀଟିନୀ, ଅଯୁତ ରଶ୍ମି ଦୀପ୍ତ କେନ୍ଦ୍ର ପୁରୁଷୋତ୍ତମ ଚିର ଅତନ୍ଦ୍ର, ଜାଗେ ଆହ୍ୱାନ ବିପୁଳ ମନ୍ଦ୍ର ଅମର ଲପନା ଜୀବନ ସାନ୍ଦ୍ର, ଆର୍ଯ୍ୟ ଗରିମା ଗଭୀର ମନ୍ତ୍ର, ଛଳକି ସତ୍ତା ଏକଟି ତନ୍ତ୍ର, ଭାରତ ବିଶ୍ୱ ରତାୟିନୀ'। ଶ୍ରୀ ଶ୍ରୀ ଠାକୁର ଅତି ଦୃଢ଼ ଚିତ୍ତରେ ଘୋଷଣା କଲେ - ତୁମେ, ଠିକ୍ ଠିକ୍ ଜାଣ ଯେ, ତୁମେ ତୁମର, ତୁମ ନିଜ ପରିବାରର, ଦଶର ଏବଂ ଦେଶର ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ଦାୟୀ। ସ୍ୱାଧୀନ ଭାରତରେ ଦୁଇଟି ଦିନକୁ ଜାତୀୟ ଦିବସ ରୂପେ ପାଳନ କରାଯାଏ - ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ। ୧୯୫୦ ଜାନୁଆରୀ ୨୬ରେ ଭାରତର ଗଣତାନ୍ତ୍ରିକ ରାଷ୍ଟ୍ରୟ ଘୋଷିତ ହୋଇଥିଲା। ଶାସନ ପାଇଁ ସମ୍ବିଧାନ ପ୍ରଣୟନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ସାମ୍ବିଧାନିକ ସଭା ୧୯୪୯ ନଭେମ୍ବରରେ ସମ୍ବିଧାନ ପ୍ରସ୍ତୁତି କାର୍ଯ୍ୟ ଶେଷ କରିଥିଲା। ତେବେ ସମ୍ବିଧାନକୁ ଲାଗୁ କରାଇବା ପାଇଁ ପର ବର୍ଷ ଜାନୁଆରୀ ୨୬ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରାଯାଇଥିଲା। ସମ୍ବିଧାନ ଜରିଆରେ ଦେଶର ଏକତା ରକ୍ଷା କରାଯାଇଛି। ଏହା ନାଗରିକଙ୍କୁ ରାଜନୈତିକ ସ୍ୱାଧୀନତା ଏବଂ ମତପ୍ରକାଶର ସ୍ୱାଧୀନତା ପ୍ରଦାନ କରିଛି। ଏହାଯୋଗୁଁ ସାମାଜିକ ନ୍ୟାୟର ପ୍ରତିଷ୍ଠା ସଂଭବ ହୋଇଛି। ଭାରତୀୟ ସମ୍ବିଧାନ ବିଶ୍ୱର ଅନ୍ୟତମ ପ୍ରମୁଖ ସମ୍ବିଧାନ। ଆମ ସମ୍ବିଧାନରେ ଯେଉଁସବୁ କଥା କୁହାଯାଇଛି ଏବଂ ଯେଉଁସବୁ ବିଷୟମାନ ରହିଛି, ତାହା ଅଧିକାଂଶ ସଭ୍ୟ ରାଷ୍ଟ୍ରର ଇପ୍‌ସିତ ଲକ୍ଷ୍ୟ ହୋଇଛି। ସମ୍ବିଧାନ ଆମକୁ ଦେଇଛି ଏକ ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା। ସବୁ ମତ ଓ ସବୁ ଧର୍ମକୁ ସମ୍ମାନ ଦେବା ପାଇଁ ଶିକ୍ଷା ଦେଉଛି। ଭାରତର ସାଂସ୍କୃତିକ ଏକତା ଏଥିରେ ପ୍ରସ୍ଫୁଟିତା ପୁଣି ବ୍ୟକ୍ତି ସ୍ୱାଧୀନତା ହେଉଛି ଆମ ସମ୍ବିଧାନର ଅନ୍ୟତମ ମୂଳମନ୍ତ୍ର। ଏହାର ମୂଲ୍ୟବୋଧ ଅବଶିଷ୍ଟ ବିଶ୍ୱ ସ୍ୱୀକାର କରୁଛି। ଆଜି ସାଧାରଣତନ୍ତ୍ର ଦିବସ ଅବସରରେ ଏହାର ସମ୍ମାନ ଅତୁଟ ରଖିବା ଆମର ଧ୍ୟେୟ ହେଉ। ■

# ସାହିତ୍ୟିକ ଓ ଦାୟିତ୍ୱ

■ କବି ପ୍ରସନ୍ନ ମଣ୍ଡଳ...

ବିଗତ ଦିନର ଇତିହାସକୁ ଗଭୀର ଭାବରେ ରୋମନ୍ଥନ କରିଲେ ଆମ୍ଭେମାନେ ନିଶ୍ଚୟ ବୁଝିପାରିବା ଯେ, ଓଡ଼ିଶାର ସମସାମୟିକ ବିଶିଷ୍ଟ ଦକ୍ଷ ସାହିତ୍ୟିକମାନେ କିପରି ନିଜର ଲେଖନୀ ମୁନରେ ରାଜନୈତିକ ଓ ସାମାଜିକ ଭିତ୍ତିଭୂମିକୁ କେତେ ସହଜରେ ପ୍ରଭାବିତ କରି ସମାଜରେ ଏକ ଶକ୍ତିଶାଳୀ ଆଲୋଡନ ସୃଷ୍ଟି କରିପାରୁଥିଲେ। ସେମାନେ ନିରପେକ୍ଷ ନିଷ୍ଠାପର ଭାବରେ ସଂକୀର୍ଣ୍ଣ ଦଳୀୟ ଭାବନାରୁ ଊର୍ଦ୍ଧ୍ୱରେ ରହି ନିର୍ଭୀକ ଚିତ୍ତରେ ସାହସର ସହିତ ପ୍ରକୃତ ସତ୍ୟକୁ ସର୍ବସମ୍ମୁଖରେ ସହଜରେ ଉପସ୍ଥାପନ କରିପାରୁଥିଲେ । ସବୁଠାରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଅବିସ୍ମରଣୀୟ ବିଷୟ ଯେ, ସେତେବେଳର ସମସାମୟିକ ଦକ୍ଷ ନିପୁଣ ସାହିତ୍ୟିକମାନେ ଦେଶର ବ୍ୟବସ୍ଥିତ ରାଜନୈତିକ ଓ ସାମାଜିକ ସମସ୍ୟା ଦ୍ୱାରା ଯଥେଷ୍ଟ ପ୍ରଭାବିତ ହୋଇ ହୃଦୟରେ କ୍ରାନ୍ତିକାରୀ ଓ ସଂସ୍କାରମୂଳକ ସ୍ୱଚ୍ଛ ଭାବନା ପରିପ୍ରକାଶ କରୁଥିଲେ।



ସେଥିପାଇଁ ସେମାନଙ୍କୁ ଦୁଃଖ ଓ ସଂଘର୍ଷ ମଧ୍ୟରେ ଗତି କରିବାକୁ ପଡୁଥିଲା। କିନ୍ତୁ ସେତେବେଳେ ଆତ୍ମବିଜ୍ଞାପନ ପରିପ୍ରେକ୍ଷୀରେ ନିଜର ସମ୍ବର୍ଦ୍ଧନା, ସଭା ସମିତି, ଆସର ବା ମନୋରଞ୍ଜନ ବା କେବଳ ପୁସ୍ତକ ମୁଦ୍ରଣ କେବେ ସେମାନଙ୍କ ମୌଳିକ ଆଭିମୁଖ୍ୟ ବା ଉଦ୍ଦେଶ୍ୟ ନଥିଲା । କିନ୍ତୁ ସାଂପ୍ରତିକ ସ୍ଥିତିରେ ଆଜିର ଅନେକ ଦକ୍ଷ ସୁପ୍ରତିଷ୍ଠିତ ବିଶିଷ୍ଟ ସାହିତ୍ୟିକମାନେ ମଧ୍ୟ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କର୍ତ୍ତୃତ୍ୱରେ ଅନୁବନ୍ଧିତ ଓ ଅତି ସୀମିତ ରହି କଲମକୁ ଗୋଟିଏ ଦିଗକୁ ଆଉଜେଇ ରଖୁଛନ୍ତି, ତେଣୁ ରଚନାବଳୀରେ ସ୍ୱଚ୍ଛତା ଓ ପ୍ରକୃତ ସତ୍ୟତା ବା ନିରପେକ୍ଷ ବାର୍ତ୍ତା ସହଜରେ ପ୍ରତିଫଳିତ ହେବା ସମ୍ଭବ ହେଉନାହିଁ। ଅତ୍ୟନ୍ତ ପରିତାପର ବିଷୟ, ସଂପ୍ରତି ରାଜନୈତିକ ସ୍ଥିତି ଯେତେ ଜଟିଳ ଓ ବିପର୍ଯ୍ୟସ୍ତ ହେଲେ ମଧ୍ୟ ସାହିତ୍ୟିକମାନଙ୍କ କଲମ ତା' ବାଟରେ ଚାଲୁଛି ସେମାନଙ୍କର ପରବାୟ ନାହିଁ । କେବଳ ନିଜ ନିଜ ଦଳର ଗୁଣ ଓ ମହିମା ଗାନ କରିବାରେ ସେମାନେ ଅତ୍ୟଧିକ ତତ୍ପର ହୋଇପଡୁଛନ୍ତି। ଆପଣ ଜାଣନ୍ତି, ଏହି ନୀରିହ ଦକ୍ଷ ଯୋଗ୍ୟ ସାହିତ୍ୟିକମାନେ ହିଁ ସାମାଜିକ ବିକାଶର ପ୍ରକୃତ ସୂତ୍ରଧର। ସେମାନଙ୍କର ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ପ୍ରାସଙ୍ଗିକ ରଚନାବଳୀ ଦ୍ୱାରା ସହଜରେ ସେମାନେ ଅନେକ ମସ୍ତିଷ୍କକୁ ସହଜରେ ନିୟନ୍ତ୍ରଣ କରିପାରିବେ ଏଥିରେ ସନ୍ଦେହ ନାହିଁ । କେବଳ ନିଜର କଲମ ମାଧ୍ୟମରେ ମଲମ ବୋଳିବା ବା ଗୁଡ଼ିଏ ପ୍ରଶଂସା ଗାନ କରି କାହା ପିଠିରେ ତେଲ ବୋଳିବା ଦ୍ୱାରା ସାହିତ୍ୟ ତା'ର ପ୍ରକୃତ ମୌଳିକ ମୂଲ୍ୟବୋଧ ହରେଇ ବସିଥାଏ।

ଦେଶରେ ବା ରାଜ୍ୟରେ ଦେଶ ମାତୃକାର ସେବା କରୁଥିବା ସଚ୍ଚୋଟ ଶାସକ ବା ଜନନାୟକମାନଙ୍କୁ ଉତ୍ସାହିତ କରିବା ଓ ଦେଶ ବିରୋଧୀ ଦୁର୍ବଳ ଅବାଧ ଆତ୍ମପ୍ରବଣ ବ୍ୟକ୍ତିମାନଙ୍କୁ ସଚେତନ କରି ପ୍ରକୃତ ମାର୍ଗ ପ୍ରଦର୍ଶନ କରିବା ହିଁ ଜଣେ ପ୍ରବୀଣ ସାହିତ୍ୟିକର ଲକ୍ଷ୍ୟ ହେବା ଉଚିତ । ପ୍ରଥମେ ଜଣେ ସାହିତ୍ୟିକ ସ୍ଥିର ନିଶ୍ଚିତ ହେବା ଆବଶ୍ୟକ ଯେ ସେ ଜଣେ ଦେଶର ସଚେତନ ଶିକ୍ଷିତ ନାଗରିକ ଓ କୌଣସି ଦଳୀୟ ଭାବନାର ବଶବର୍ତ୍ତୀ ନୁହେଁ, ସମସ୍ତେ ତା'ର ଆପଣାର, ଏ ଦେଶ ଗୋଟିଏ ପରିବାର ଆଉ ସେ ଜଣେ ସଚ୍ଚୋଟ ପରାମର୍ଶଦାତା ଓ ଉତ୍ତମ ମାର୍ଗଦର୍ଶକ । ଜଣେ ସାହିତ୍ୟିକ କୌଣସି ଗଣମାଧ୍ୟମ ଦ୍ୱାରା ଏତେ ପ୍ରଭାବିତ ନହୋଇ ପ୍ରତ୍ୟକ୍ଷ ଭାବରେ ନିଜର ବାସ୍ତବ ଅନ୍ତର୍ନିହିତ ଜ୍ଞାନ ବୁଦ୍ଧି ଓ ବିବେକ ମାଧ୍ୟମରେ ସବୁ ଘଟଣାକୁ ସମୀକ୍ଷା କରିବା ବାଞ୍ଛନୀୟ । ଆଜିର ଅନେକ ତୁଙ୍ଗ ସାହିତ୍ୟିକମାନେ ନିରବ ରହି କେବଳ ଆତ୍ମବିଜ୍ଞାପନ ଓ ସମ୍ମାନ ସମ୍ବର୍ଦ୍ଧନା ତଥା ଆସର ସମାରୋହ ଉପରେ ଅଧିକ ଗୁରୁତ୍ୱ ଦେଉଥିବାରୁ ସାହିତ୍ୟର ପ୍ରେରଣା ଓ ଚେତନା ତଥା ଅନୁଶାସନମୂଳକ ମୌଳିକ ଉଦ୍ଦେଶ୍ୟ ବା ଲକ୍ଷ ବିଫଳ ହୋଇଯାଉଛି । ସଂପ୍ରତି ଦେଖାଯାଏ ଦକ୍ଷ ସାହିତ୍ୟିକମାନେ ଉତ୍ତମ ପ୍ରଶାସକ ବା ରାଜନେତା ତଥା ଜନସେବକମାନଙ୍କୁ ଉତ୍ସାହିତ କରିବା ସହିତ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିମାନଙ୍କୁ କଲମ ମୂଳରେ ସମାଲୋଚନା ଓ ଅନୁଯୋଗ କରିବାକୁ ଅକ୍ଷମ ହୋଇପଡିଛନ୍ତି । ସେଥିପାଇଁ ଆଲୋଡନବୀହିନ ଜନମତ ଓ ଦୁର୍ବଳ ଦଳୀୟ ସପକ୍ଷବାଦୀ କାର୍ଯ୍ୟ ଯୋଗୁଁ ଆଜି ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ଅନେକ ବ୍ୟତିକ୍ରମ ତଥା ତ୍ରୁଟି ପରିଲକ୍ଷିତ ହେଉଅଛି । ଏହା ସତ୍ୟ ଯେ, ଜଣେ ବିଜ୍ଞ ସଚ୍ଚୋଟ ନିଷ୍ଠାପର ନିରପେକ୍ଷ ଦକ୍ଷ ସାହିତ୍ୟିକଙ୍କର ଉଚ୍ଚକୋଟୀର ମର୍ମସ୍ପର୍ଶୀ ସଚେତନଧର୍ମୀ ଆଲେଖ୍ୟଟିଏ ଗୋଟିଏ ଯୁଗାନ୍ତକାରୀ ସାକ୍ଷ ଭାବରେ ପ୍ରକାଶିତ ହୋଇ ଜନମାନସକୁ ପ୍ରଭାବିତ କରି ଅନେକଗୁଡ଼ିଏ ଯୁଗାନ୍ତକାରୀ ସାକ୍ଷ ସୃଷ୍ଟି କରିଥାଏ । କାରଣ ଜଣେ ଲେଖକଙ୍କ କୌଣସି ନିର୍ଦ୍ଦିଷ୍ଟ ରଚନାବଳୀ ତଥା- ଉପନ୍ୟାସ, ପ୍ରବନ୍ଧ, ନାଟକ, ଗଳ୍ପ କବିତା ଇତ୍ୟାଦି ସମସାମୟିକ ଭାବରେ ସାମାଜିକ ଓ ରାଜନୈତିକ ଦୃଶ୍ୟପଟ୍ଟକୁ ସହଜରେ ପରିବର୍ତ୍ତନ କରିଦେଇପାରେ । ବ୍ୟାସକବି ଫକୀର ମୋହନ ସେନାପତିଙ୍କ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ଅନେକଙ୍କ ରଚନାବଳୀରେ ଏହି ବାସ୍ତବ ଦୃଷ୍ଟାନ୍ତମୂଳକ ଯୁଗାନ୍ତକାରୀ ସତ୍ୟତା ଅତି ସ୍ପଷ୍ଟ ଭାବରେ ସର୍ବ ସାକ୍ଷାତରେ ପ୍ରତିପାଦିତ ହୋଇଅଛି । ତେଣୁ ସମୟ ବିଳମ୍ବ ନକରି ଆଜିର ସାହିତ୍ୟିକମାନେ ନିଜ ନିଜ କଲମର ଗତି ପରିବର୍ତ୍ତନ କରିବା ସହିତ ନିରପେକ୍ଷ ଭାବରେ ତା'ର ପ୍ରକୃତ ଦିଗ ନିର୍ଣ୍ଣୟ କରିବା ବାଞ୍ଛନୀୟ।

କୋଟପଲ୍ଲୀ, ସିମୋର, ଖୋର୍ଦ୍ଧା
ମୋ.- ୭୭୩୫୫୩୬୦୫୩

# ମାଘ ଅମାବାସ୍ୟାକୁ ତ୍ରିବେଣୀ ଅମାବାସ୍ୟା କୁହାଯାଏ ?

ମାଘମାସ ଅମାବାସ୍ୟାକୁ ତ୍ରିବେଣୀ ଅମାବାସ୍ୟା କହନ୍ତି । ଏହିଦିନ ସୂର୍ଯ୍ୟ ଶ୍ରବଣା ନକ୍ଷତ୍ର ଯୁକ୍ତ ହୋଇ ମକର ରାଶିରେ ଅବସ୍ଥାନ କରନ୍ତି । ଏହି ଅମାବାସ୍ୟାକୁ ମୌନୀ ଅମାବାସ୍ୟା ବୋଲି ମଧ କୁହାଯାଏ । ଓଡ଼ିଶାରେ ଏହାକୁ ବିରଜା ଅମାବାସ୍ୟା ବୋଲି କହିଥାନ୍ତି । କାରଣ ମାଘ ଅମାବାସ୍ୟା ଦିନ ମାଆ ବିରଜାଙ୍କର ଆବିର୍ଭାବ ଘଟିଥିଲା । କେହି କେହି ଏଇ ଅମାବାସ୍ୟାକୁ ମାଘୀ ଅମାବାସ୍ୟା ବୋଲି ମଧ କହନ୍ତି । ସାଧୁ ସନ୍ଥ ଓ ଶ୍ରଦ୍ଧାଳୁମାନେ ତ୍ରିବେଣୀ ସଙ୍ଗମରେ ସ୍ନାନ ପୂର୍ବକ ମୌନବ୍ରତ ପାଳନ କରିଥାନ୍ତି। ଏହାଦ୍ୱାରା ଶରୀରରେ ପ୍ରାଣ ସଂରକ୍ଷିତ ହୋଇ ରହେ । ଅଶ୍ୱତ୍ଥ ବୃକ୍ଷକୁ ପ୍ରଦକ୍ଷିଣ କରି ବିଷ୍ଣୁ ପୂଜା କଲେ ମହାପୁଣ୍ୟ ପ୍ରାପ୍ତ ହୁଏ ବୋଲି ଲୋକ ବିଶ୍ୱାସ ।



ଓଡ଼ିଶାରେ ତ୍ରିବେଣୀ ଅମାବାସ୍ୟା ବେଶ୍ ମହତ୍ତ୍ୱ ବହନ କରେ। ଏଇ ଦିନଟି ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମାତା ବିରଜାଙ୍କର ସ୍ୱନକ୍ଷତ୍ର ଦିବସ । ପୌରାଣିକ ମତ ଅନୁସାରେ ପିତାମହ ବ୍ରହ୍ମା ଏକଦା ପବିତ୍ର ବୈତରଣୀ କୂଳରେ ଏକ ଯଜ୍ଞାନୁଷ୍ଠାନ କରିଥିଲେ। ସେଇ ଯଜ୍ଞକୁଣ୍ଡରୁ ଶକ୍ତି ସ୍ୱରୂପିଣୀ ମା' ବିରଜା ଆବିର୍ଭୂତା ହୋଇଥିଲେ। ତେଣୁ ବିରଜା କ୍ଷେତ୍ରରେ ଯାତ୍ରା ଅନୁଷ୍ଠିତ ହୋଇଥାଏ। ତ୍ରିବେଣୀ ଅମାବାସ୍ୟା ଦିନ ପ୍ରାତଃ କାଳରେ ଦେବୀ ସାବିତ୍ରୀ ରୂପରେ ଦର୍ଶନ ଦେଇଥାନ୍ତି ଏବଂ ମଧ୍ୟାହ୍ନ ସମୟରେ ଚତୁର୍ମୁଖୀ ଗାୟତ୍ରୀ ରୂପେ ପୂଜା ପାଆନ୍ତି। ବିରଜା କ୍ଷେତ୍ରରେ ଯାତ୍ରା ଦେଖିବା ପାଇଁ ବହୁ ତୀର୍ଥଯାତ୍ରୀଙ୍କର ସମାଗମ ହୁଏ। ହଜାର ହଜାର ନରନାରୀ ପୁଣ୍ୟତୋୟା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟରେ ପବିତ୍ର ସ୍ନାନ ସାରି ମା ' ବିରଜାଙ୍କ ଦର୍ଶନ ସହିତ ପୂଜାର୍ଚ୍ଚନା କରିଥାନ୍ତି।

ମାତା ବିରଜାଙ୍କ ଆବିର୍ଭାବ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ବୌଦ୍ଧ ତାନ୍ତ୍ରିକମାନଙ୍କ ଦ୍ୱାରା ବ୍ରାହ୍ମଣ୍ୟ ଧର୍ମ ଯେତେବେଳେ ଘୋର ସଙ୍କଟାପନ୍ନ ହୋଇଥିଲା, ଠିକ୍ ସେତେବେଳେ ବିରଜାଙ୍କର ଆବିର୍ଭାବ ହୋଇଥିଲା। ସେ ଅବିଦ୍ୟାକୁ ବିନାଶ କରି ବ୍ରାହ୍ମଣ୍ୟଧର୍ମକୁ ବଞ୍ଚାଇଥିଲେ।

ଓଡ଼ିଶାର ଯେଉଁସବୁ ସ୍ଥାନରେ ନଦୀର ତିନୋଟି ଧାର ଏକତ୍ର ମିଳିତ ହୋଇଥାନ୍ତି, ସେହି ସ୍ଥାନମାନଙ୍କରେ ପବିତ୍ର ତ୍ରିବେଣୀ ସ୍ନାନ ସଙ୍ଗଠିତ ହୁଏ। ରାଉରକେଲା ନିକଟସ୍ଥ ବେଦବ୍ୟାସର ତ୍ରିବେଣୀ ମେଳା ଭାରତ ବିଖ୍ୟାତ । ସହସ୍ରାଧିକ ତୀର୍ଥଯାତ୍ରୀ ବ୍ରାହ୍ମଣୀ ନଦୀର ତ୍ରିବେଣୀ ଘାଟରେ ପବିତ୍ର ସ୍ନାନ କରିଥାନ୍ତି । ଏହି ସ୍ନାନ କଲେ ପ୍ରୟାଗ ବୁଡ଼ର ଫଳ ମିଳେ ବୋଲି ଧର୍ମପ୍ରାଣ ଲୋକ ମାନଙ୍କର ବିଶ୍ୱାସ ।

'ମାଆ ହିଁ ସାହା'

(ସାମାଜିକ ଗଣମାଧ୍ୟମରୁ ସଂଗୃହୀତ)

## ଶିକ୍ଷା ଅଧିକାର ଆଇନର ଉଲ୍ଲଙ୍ଘନ

# ଛାତ୍ରଛାତ୍ରୀ ପିଉଛନ୍ତି ଅସ୍ୱାସ୍ଥ୍ୟକର ପାଣି

**ରାଉରକେଲା :** ଲାଠିକଟା ବ୍ଲକର ଲୁଙ୍ଗେଇ ପଞ୍ଚାୟତରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କୋଠାଘର ଅବସ୍ଥା ଅତି ଖରାପ ସ୍ଥିତିରେ ରହିଥିବାରୁ ଆମ ଆଦମୀ ପାର୍ଟି ତରଫରୁ ପାର୍ଟିର କାର୍ଯ୍ୟକର୍ତ୍ତା, ଲୁଙ୍ଗେଇ ସରପଞ୍ଚ ଓ ଗ୍ରାମବାସୀଙ୍କ ଉଦ୍ୟମ ଯୋଗୁଁ ଗତ ଜାନୁଆରୀ ୬ ତାରିଖ ଦିନ ସମଗ୍ର ସ୍କୁଲକୁ ନୂଆ କୋଠାଘର ନିର୍ମାଣ ହେବା ପର୍ଯ୍ୟନ୍ତ ବେଦବ୍ୟାସ ସ୍ଥିତ ସରକାରୀ ଏସ୍ କେ ଡି ଏ ଭି ହାଇସ୍କୁଲର କୋଠାଘରକୁ ସ୍ଥାନାନ୍ତରିତ କରାଯାଇଛି। କିନ୍ତୁ ଏହି ସ୍କୁଲରେ ଥିବା ଅବ୍ୟବସ୍ଥା ଯୋଗୁଁ ପିଲାମାନେ ଗୋଳିଆ ପାଣି ପିଇବାକୁ ବାଧ ହେଉଛନ୍ତି। ନୂତନ କୋଠାଘରରେ ପୁଅପିଲାଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା ନାହିଁ। ଗୋଟିଏ କ୍ଲାସ ରୁମରେ ପ୍ରଥମରୁ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ତଳେ ବସି ପାଠ ପଢୁଛନ୍ତି। ଅନ୍ୟ ଏକ କ୍ଲାସ ରୁମରେ ୭ମ ଓ ୮ମ ଶ୍ରେଣୀର ପିଲାମାନେ ପାଠ ପଢ଼ିବା ପାଇଁ ବାଧ ହେଉଛନ୍ତି। ପିଲାଙ୍କ ପାଇଁ ଟେବୁଲ ଓ ବେଞ୍ଚର ବ୍ୟବସ୍ଥା ମଧ ହୋଇ ନାହିଁ ଯାହା ଦ୍ୱାରା ରାଇଟ୍ ଟୁ ଏଡୁକେସନ୍ ଆଇନର ଖୁଲମଖୋଲା ଉଲ୍ଲଂଘନ କରାଯାଉଛି ବୋଲି ଆମ୍ ଆଦମୀ ପାର୍ଟି ପକ୍ଷରୁ ଅଭିଯୋଗ କରାଯାଇଛି। ପ୍ରକାଶ ଥାଉକି ପୁରୁଣା କୋଠାଘର ରାଷ୍ଟ୍ରୀୟ ରାଜମାର୍ଗ ଉପରେ ଆସୁଥିବାରୁ ନୂତନ କୋଠାଘର ନିର୍ମାଣ ବାବଦରେ ୨୦୨୩ ମସିହାରେ ପ୍ରାୟ ୨୧ଲକ୍ଷ ଟଙ୍କା ରାଷ୍ଟ୍ରୀୟ ରାଜମାର୍ଗ ବିଭାଗ ତରଫରୁ ରାଜ୍ୟ ସରକାରଙ୍କୁ ପ୍ରଦାନ




କରାଯାଇଛି। କିନ୍ତୁ ରାଜ୍ୟରେ ବିଜେପି ସରକାର ତରଫରୁ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟ ପାଇଁ କୋଠାଘର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ ଏବଂ ଏ ବାବଦରେ ଟଙ୍କାଟିଏ ବି ଖର୍ଚ୍ଚ କରାଯାଇ ନାହିଁ ବୋଲି ଅଭିଯୋଗ କରାଯାଇଛି । ଛୋଟ ଛୋଟ ସ୍କୁଲ ପିଲାଙ୍କର ଏଭଳି ଗଭୀର ସମସ୍ୟାକୁ ନେଇ ଆମ ଆଦମୀ ପାର୍ଟିର ଲୋକସଭା ପ୍ରଭାରୀ ବିନୟ ତିୱାରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଉରକେଲା ମହାନଗର ନିଗମ କମିଶନର ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ସ୍ଥିତି ବିଷୟରେ ଅବଗତ କରାଇ ମାଟିର ଗୋଳିଆ ପାଣିର ନମୁନା ପ୍ରଦାନ କରିଥିଲେ। ଏହି ସମସ୍ୟାର ସମାଧାନ ତୁରନ୍ତ ନ କରାଗଲେ ଅନେକ ପିଲା ଗୋଳିଆ ପାଣି ପିଇ ବେମାର ହୋଇ ଯିବାର ସମ୍ଭାବନା ରହିଛି ବୋଲି ପାର୍ଟିର ଲୋକସଭା ସମ୍ପାଦକ ସତ୍ୟ କିଶୋର ମହାନ୍ତି ରାଉରକେଲା ମହାନଗର ନିଗମ କମିଶନର ତଥା ଅତିରିକ୍ତ ଜିଲ୍ଲାପାଳ ମହୋଦୟାଙ୍କୁ ସାକ୍ଷାତ ବେଳେ କହିଥିଲେ। ପ୍ରତିନିଧି ଦଳର ଅନ୍ୟତମ ସଦସ୍ୟ ବଳବନ୍ତ ବର୍ମା ମଧ୍ୟ ଏହାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ କମିଶନରଙ୍କୁ ଅନୁରୋଧ କରିଥିଲେ। କମିଶନର ମହୋଦୟା ଏହି ସମସ୍ୟା ସମ୍ପର୍କରେ ଆଲୋଚନା କରି ତୁରନ୍ତ ଉଚିତ୍ ପଦକ୍ଷେପ ଗ୍ରହଣ କରିବା ପାଇଁ ଆଶ୍ୱାସନା ଦେଇଛନ୍ତି ବୋଲି ପାର୍ଟି ପକ୍ଷରୁ ଏକ ପ୍ରେସ ବିବୃତିରେ ପ୍ରକାଶ କରାଯାଇଛି।

## ସାପ୍ତାହିକ ହାଟ ପାଇଁ ପ୍ରସ୍ତୁତି ବୈଠକ

**କଟକ :** ପଂଚାୟତରେ ଗୋଟେବୋଲି ପରିବା ହାଟ ନଥିବାବେଳେ ପରିବା କିଣିବା ପାଇଁ ପଂଚାୟତ ବାସୀ ଅନ୍ୟ ପଂଚାୟତକୁ ଯାଆସ କରୁ ଥିବା ବେଳେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବାବେଳେ ଏହାକୁ ଦୃଷ୍ଟିରେ ରଖି ଆଜି ଶାଳଗାଁ ନୂଆଗାଁ ସ୍ଥିତ ନିମକଣ୍ଟା ପଡିଆରେ ସମିତି ସଭ୍ୟ ପ୍ରତିନିଧି ମନୋଜ ବେହେରାଙ୍କ ଅଧକ୍ଷତାରେ, ପଦ୍ମଲୋଚନ ବେହେରାଙ୍କ ଉଦ୍ୟକ୍ତାରେ ଶାଳଗାଁ ହାଟପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ଅନୁଷ୍ଠିତ ବୈଠକରେ ଫେବୃଆରୀ ୪ତାରିଖ ବୁଧବାର ନିମକଣ୍ଟା ପଡିଆରେ ହାଟ ଆରମ୍ଭ ହେବବୋଲି ସିଦ୍ଧାନ୍ତ ନିଆଯାଇଛି ହାଟ ହେବାଦ୍ୱାରା ଅଂଚଳର ବହୁ ଗ୍ରାମର ଲୋକମାନେ ଉପକୃତ ହେବେ ବୋଲି ଅନୁଷ୍ଠାନ କର୍ମକର୍ତ୍ତା ପ୍ରକାଶ କରିଛନ୍ତି ଏହି କାର୍ଯ୍ୟକ୍ରମକୁ ମନୋଜ ଦାସ, ପରମାନନ୍ଦ ନାୟକ, ଗୋବିନ୍ଦ ସ୍ୱାଇଁ, ସୁରେନ୍ଦ୍ର ସାହୁ, ପର୍ଶୁରାମ ମହାରଣା ପ୍ରମୁଖ ପରିଚାଳନା କରିଥିବାବେଳେ ଶାଳଗାଁ ପଂଚାୟତର ବିଭିନ୍ନ ଗ୍ରାମର ବୁଦ୍ଧିଜୀବୀ, ଜନସାଧାରଣ ଯୋଗଦେଇଥିଲେ।

## ପରଲୋକରେ ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର



କଟକ : ଓଲିଉଡ ଜଗତର ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମଦାରଙ୍କ ପରଲୋକ ହୋଇଛି । ୫୪ବର୍ଷ ବୟସରେ ଭୁବନେଶ୍ୱର ଏମ୍ସରେ ଅଭିଜିତ୍‌ଙ୍କ ଦେହାନ୍ତ ହୋଇଥିବା ସୂଚନା ମିଳିଛି। ଦୀର୍ଘ ଦିନ ହେବ ଲିଭର ଜନିତ ସମସ୍ୟାରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ ଅଭିଜିତ୍ । ଏକ ସପ୍ତାହ ଧରି କଟକର ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେବା ପରେ ସେପ୍ଟେମ୍ବର ୪ରେ ଏମ୍ସରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ । ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଭେଣ୍ଟିଲେଟର ସପୋର୍ଟରେ ରହିଥିଲେ। ସେଠାରୁ ସେ ଧୀରେ ଧୀରେ ସୁସ୍ଥ ହୋଇଥିଲେ। ଆଜି ଚିକିତ୍ସାଧୀନ ଅବସ୍ଥାରେ ସକାଳ ୯.୦୨ ମିନିଟ ରେ ତାଙ୍କର ମୃତ୍ୟୁ ହୋଇଛି। ମଲ୍ଟି ଅର୍ଗାନ ଫେଲ ହେବା ଯୋଗୁ କୋମାରେ ଥିଲେ ଅଭିଜିତ । ହେଲେ ଆଜି ତାଙ୍କର ମୃତ୍ୟୁ ଖବର ପୁରା ଓଡ଼ିଆ ଫିଲ୍ମ ଜଗତରେ ଅପୂରଣୀୟ କ୍ଷତି ଆଣି ଦେଇଛି ।୧୯୭୧ମସିହା ୧୧ ସେପ୍ଟେମ୍ବରରେ ଜନ୍ମ ଗ୍ରହଣ କରିଥିବା ଅଭିଜିତ ମଜୁମଦାର ଜଣେ ଓଡ଼ିଆ କଥାଚିତ୍ର ସଙ୍ଗୀତ ନିର୍ଦ୍ଦେଶକ ଓ ଗାୟକ ଥିଲେ । ସେ ୨୦୦୦ ମସିହାରେ ଓଡ଼ିଆ କଥାଚିତ୍ର ଜଗତରେ ସଙ୍ଗୀତ ନିର୍ଦ୍ଦେଶନା ଦେବା ଆରମ୍ଭ କରିଥିଲେ । ସେ ଓଡ଼ିଆ କଥାଚିତ୍ର ସମେତ ଓଡ଼ିଆ ଆଧୁନିକ ଆଲବମ୍, ଭଜନ, ସମ୍ବଲପୁରୀ ଆଲବମ୍, ଓଡ଼ିଆ ଧାରାବାହିକ ଆଦିରେ ସୁପରହିଟ୍ ସଙ୍ଗୀତ ସବୁ ଭେଟି ଦେଇଛନ୍ତି ଓଡ଼ିଆ ଦର୍ଶକଙ୍କୁ । ଓଲିଉଡରେ ଅଭିଜିତ ଦାଦା ଭାବେ ପରିଚିତ ଥିଲେ ସେ । ସିନେମା ସହ ଆଲବମ୍ ଗୀତରେ ଶ୍ରୋତାଙ୍କ ମନ ମହୁଥିଲେ ଅଭିଜିତ । ୫୦ରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ରରେ ସେ ସଙ୍ଗୀତ ନିର୍ଦ୍ଦେଶନା ଦେବା ସହ କଣ୍ଠଦାନ କରିଛନ୍ତି । 'ଏ ଗୌରା...ଆଜିକାଲି କଣ ଖାଉଛୁ..' 'ଏ ସାଲୁ...', ରିବନ ଫିତା...ଆଦି ହନେକ ହିଟ୍ ଆଲବମ ରହିଛି । ସେହିଭଳି କାଶିଆ କପିଳା, ରଖିବ ଯଦି ସେ ମାରିବ କିଏ, ମୋ ସୁନା ପୁଅ, ମୁନ୍ନା ଏ ଲଭଷ୍ଟୋରୀ, ତୁ ଥା ମୁଁ ଯାଉଛି ରୁଷି, ବାଳୁଙ୍ଗା ଟୋକା, ମାଟ୍ରିକ୍ ଫେଲ୍, ରଙ୍ଗିଲା ଟୋକା, ଲଭ୍ ମାଷ୍ଟର, ଆମେ ତ ଟୋକା ଷଣ୍ଢ ମାର୍କା, ଭଉଁରୀ, ଇସ୍କ ତୁ ହି ତୁ, ସମୟ ବଡ଼ ବଳବାନ, ଲଭ୍ ଷ୍ଟେସନ୍ ଏମିତି ଅନେକ ଫିଲ୍ମରେ ସେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି । ବାବୁଶାନଙ୍କ ସିଷ୍ଟର ଶ୍ରୀଦେବୀ, ସୁନ୍ଦରଗଡ଼ର ସଲମାନ ଖାଁ, ଶ୍ରୀମାନ ସୁରଦାସ, ଓ ଅନୁଭବଙ୍କ କାବୁଲା ବାରବୁଲାରେ ବି ସେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ଅଭିଜିତ୍‌ଙ୍କ ପରଲୋକରେ ଓଡ଼ିଆ ଫିଲ୍ମ ଜଗତରେ ଶୋକର ଛାୟା ଖେଳିଯାଇଛି ।




## ତୃତୀୟ ବିଳାସୁଣୀ ମହୋତ୍ସବ ପାଇଁ ବ୍ୟାପକ ପ୍ରସ୍ତୁତି

**ବିଳାସୁଣୀ/ ଭୁବନେଶ୍ୱର :** କଟକ ଜିଲ୍ଲା ନିଆଳି ବ୍ଲକ ଅନ୍ତର୍ଗତ ବିଳାସୁଣୀ ଗ୍ରାମରେ ତୃତୀୟ ବିଳାସୁଣୀ ମହୋତ୍ସବ-୨୦୨୬ ପାଇଁ ଏବେ ଜୋରସୋରରେ ପ୍ରସ୍ତୁତି ଚାଲିଥିବା ଜଣାଯାଇଛି। ଚଳିତ ଜାନୁୟାରୀ ମାସ ୩୦ ରୁ ଆସନ୍ତା ଫେବୃୟାରୀ ୧ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଆୟୋଜିତ ହେବାକୁ ଥିବା ଏହି କ୍ରୀଡ଼ା ଓ ସାଂସ୍କୃତିକ ମହାପର୍ବ, ଗୋପବନ୍ଧୁ ଏଭର ଗ୍ରୀନ୍ ଆଞ୍ଚଳିକ ଯୁବ ପରିଷଦ ଓ ଭଲ୍ୟୁଣ୍ଟାରି ଏମ୍ପାଓ୍ୱାରମେଣ୍ଟ ଡେଭଲପମେଣ୍ଟ ଏଣ୍ଡ ଆକ୍ସନର ମିଳିତ ସହଯୋଗରେ ବିଳାସୁଣୀ ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆରେ ଅନୁଷ୍ଠିତ ହେବ। ଏହି ମହୋତ୍ସବ ଅବସରରେ ଆଞ୍ଚଳିକ,ପ୍ରଦେଶ ଏବଂ ଜାତୀୟ ସ୍ତରର ଫୁଟବଲ ଦଳମାନଙ୍କର ଆକର୍ଷଣୀୟ କ୍ରିଡ଼ା ପ୍ରଦର୍ଶନ ଦେଖିବାକୁ ମିଳିବ। ଏହା ସାଙ୍ଗକୁ ବିଶିଷ୍ଟ କଳାକାରମାନଙ୍କର ମର୍ମସ୍ପର୍ଶୀ ସଙ୍ଗୀତ ଏବଂ ମଜାଦାର ହାସ୍ୟ ଅଭିନୟ ମଧ ସ୍ଥାନ ପାଇବ । ତୃତୀୟ ବିଳାସୁଣୀ ମହୋତ୍ସବର ମୁଖ୍ୟ ଆକର୍ଷଣ ଭାବରେ ଜାନୁୟାରୀ ୩୦ ତାରିଖରେ ଶ୍ରୀ ଗୋପାଳଜୀଉ ଏକ ଦିବସୀୟ ଆଞ୍ଚଳିକ ଗ୍ରାମ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଉଥିବା ବେଳେ ୩୧ ତାରିଖ ଓ ଫେବୃୟାରୀ ୧ ତାରିଖରେ ଦୁଇଦିନିଆ ମହାଦେବ ମହାପାତ୍ର ସ୍ମାରକୀ ଆନ୍ତଃ ଜିଲ୍ଲା ଓ ଆନ୍ତଃ ରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବାକୁ ଯାଉଛି । ବହୁ ଚର୍ଚ୍ଚିତ ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ତଥା ଜାତୀୟ ସ୍ତରର ପ୍ରତିଭାବାନ ସୁଦକ୍ଷ ଆଠଟି ଦଳ ସମ୍ମାନସ୍ପଦ ମହାଦେବ ମହାପାତ୍ର ଟ୍ରଫି ପାଇଁ ସେମାନଙ୍କର ଜାଦୁଗରୀ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିବେ। ଏହି ଉତ୍ସବରେ ପ୍ରଖ୍ୟାତ ଗାୟିକା ଇରା ମହାନ୍ତି ଏବଂ ସୁନାମଧନ୍ୟ ହାସ୍ୟରସ ଅଭିନେତା ପ୍ରଜ୍ଞା-ଶଙ୍କର ଯୋଡ଼ି ସେମାନଙ୍କଉ ସୃଜନଶୀଳ କଳା ଚାତୁର୍ଯ୍ୟ ଦ୍ୱାରା ଦର୍ଶକମାନଙ୍କୁ ଅଭିଭୂତ କରିବେ।

ଅଧକ୍ଷ ଚକ୍ରଧର ରାଜ ,ସଭାପତି ବିଷ୍ଣୁ ଚରଣ ଡାଲୁଆ ଏବଂ ସମ୍ପାଦକ ଲଲାଟେନ୍ଦୁ ସାହୁଙ୍କ ନେତୃତ୍ୱରେ ଗୋପବନ୍ଧୁ ଏଭର ଗ୍ରୀନ୍ ଆଞ୍ଚଳିକ ଯୁବ ପରିଷଦ ଗ୍ରାମାଞ୍ଚଳରେ କ୍ରୀଡ଼ାକୁ ଯୁବ ସମ୍ପ୍ରଦାୟ ମଧରେ ପ୍ରଚାର, ପ୍ରସାର ଓ ଲୋକପ୍ରିୟ କରିବାରେ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛି। ସଭାପତି ବଦ୍ରିନାରାୟଣ ମହାପାତ୍ରଙ୍କ ବଳିଷ୍ଠ ନେତୃତ୍ୱରେ 'ଭେଦା' ଓଡ଼ିଶାର ଗ୍ରାମାଞ୍ଚଳରେ ଅସହାୟ ଜନସାଧାରଣଙ୍କ ଆର୍ଥିକ ବିକାଶ, ସାମାଜିକ କଲ୍ୟାଣ, ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟ ସେବା, ସଂସ୍କୃତି , କ୍ରୀଡ଼ା ଏବଂ ଧାର୍ମିକ କାର୍ଯ୍ୟକଳାପର ପ୍ରୋତ୍ସାହନ ନେଇ ଖୁବ୍ ଉତ୍ତମ ଯୋଗଦାନ ଦେଇ ଆସୁଛି। ସଭାରେ ଆମନ୍ତ୍ରିତ ଅତିଥିମାନେ ଏକ ରଙ୍ଗାରଙ୍ଗ ସ୍ମରଣିକା ଉନ୍ମୋଚନ କରିବେ। ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବହୁ ପ୍ରତିଭାବାନ ବ୍ୟକ୍ତିତ୍ୱଙ୍କୁ ବିଳାସୁଣୀ ସମ୍ମାନ ପ୍ରଦାନ କରାଯିବ ବୋଲି ମହୋତ୍ସବର ମୁଖ୍ୟ ଉଦ୍ୟୋକ୍ତା ବଦ୍ରିନାରାୟଣ ମହାପାତ୍ର ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ଢେଙ୍କାନାଳ ବନବିଭାଗର ମିଳିତ କର୍ମଶାଳା

**କଟକ :** ନିଆଁ ପାଇଁ ବନ ବିଭାଗ ସଜାଗ, ଆଗକୁ ଆସୁଛି ଖରା ଦିନ, ଜଙ୍ଗଲରେ କିଭଳି ଲାଗିବ ନାହିଁ ନିଆଁ । ଜଙ୍ଗଲ ସହିତ ଜଙ୍ଗଲ ଜୀବଜନ୍ତୁଙ୍କୁ ଜଙ୍ଗଲ ନିଆଁ ରୁ ସୁରକ୍ଷିତ ରଖିବା ପାଇଁ କଟକ, ଆଠଗଡ ସହିତ ଢେଙ୍କାନାଳ ବନବିଭାଗର ମିଳିତ କର୍ମଶାଳା ଅନୁଷ୍ଠିତ। ପ୍ରତିବର୍ଷ ଜଙ୍ଗଲ ରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଜଙ୍ଗଲ ଦ୍ରବ୍ୟ ନଷ୍ଟ ହେବା ସହ ଅନେକ ଜଙ୍ଗଲ ଜନ୍ତୁମୃତାହତ ହେଉଛନ୍ତି । ଜଙ୍ଗଲ ନିଆଁ ମନୁଷ୍ୟକୃତ ଜଣାପଡୁଥିବାରୁ ଜଙ୍ଗଲ ପାଖରେ ବସବାସ କରୁଥିବା ଜନସାଧାରଣଙ୍କୁ କ୍ଷେତ୍ର କର୍ମଚାରୀ ମାନେ ସଚେତନତା କରାଇବା ସହ ଶିକାରୀ ମାନଙ୍କ ଉପରେ କିଭଳି ନଜର



ରଖାଯିବ ସେ ନେଇ କର୍ମଶାଳା ରେ ଅଧିକାରୀ ମାନେ ଆଲୋଚନା କରିଥିଲେ । ଆଠଗଡ ବନଖଣ୍ଡ ଓରନ୍ଦା ଓ୍ୱାଚ ଟାଓ୍ୱାର ଠାରେ ଏହି କର୍ମଶାଳାରେ ଅତିଥି ଭାବେ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କର, ଆଠଗଡ ଭାରପ୍ରାପ୍ତ ବନଖଣ୍ଡ ଅଧିକାରୀ ଡକ୍ଟର ବିଶ୍ୱାଳ ଚିଚିଲିଚି ଯୋଗଦେଇ ଉପସ୍ଥିତ ବନାଞ୍ଚଳ ଅଧିକାରୀ, ବନପାଳ, ବନରଖୀ ଓ ହାତୀ ଟ୍ରାକର ମାନଙ୍କୁ ପରାମର୍ଶ ଦେଇଥିଲେ ।

### ଜାତୀୟ ରଗବିରେ ମୟୂରଭଞ୍ଜର ଗୌରବ

## ମନୋଜ ଓ ବୁଧାନ ସିଂଙ୍କୁ ରୌପ୍ୟ ପଦକ

**ବାରିପଦା :** ମୟୂରଭଞ୍ଜ ଜିଲ୍ଲା ପାଇଁ ଏକ ଗୌରବମୟ ସଫଳତା। ଜିଲ୍ଲାର ଦୁଇ ଯୁବ ରଗବି ଖେଳାଳି ମନୋଜ ସିଂହ ଓ ବୁଧାନସିଂ ବାଇପାଇ ଓଡ଼ିଶା ସବ୍-ଜୁନିୟର ପୁରୁଷ ରଗବି ଦଳର ପ୍ରତିନିଧିତ୍ୱ କରି ୧୦ମ ସବ୍-ଜୁନିୟର ଜାତୀୟ ରଗବି ସେଭେନ୍ସ ଚାମ୍ପିଅନସିପ୍-୨୦୨୫ରେ ରୌପ୍ୟ (ସିଲ୍ଭର) ପଦକ ଅର୍ଜନ କରିଛନ୍ତି। ଏହି ଜାତୀୟ ପ୍ରତିଯୋଗିତା ୧୬ ଜାନୁଆରୀରୁ ୨୧ ଜାନୁଆରୀ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିଅମ୍, ଭୁବନେଶ୍ୱରରେ ଆୟୋଜିତ ହୋଇଥିଲା। ମନୋଜ ସିଂହ, ପିତା ଶ୍ରୀ ସୋମା ସିଂହ, ବାଉଁଶୋବିଲା ଗ୍ରାମ, ଶ୍ୟାମାଖୁଣ୍ଟା ବ୍ଲକ୍ର ନିବାସୀ। ସେ ସିନ୍ଦୁଗୌରା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର। ନିୟମିତ ଅଭ୍ୟାସ, ଦୃଢ଼ ଶୃଙ୍ଖଳା ଓ କୌଶଳପୂର୍ଣ୍ଣ ଖେଳ ଦ୍ୱାରା ସେ ଓଡ଼ିଶା ଦଳରେ ସ୍ଥାନ ପାଇ ଜାତୀୟ ସ୍ତରରେ ଦଳକୁ ସଫଳତା ଦେଇଛନ୍ତି। ଅନ୍ୟପଟେ ବୁଧାନସିଂ ବାଇପାଇ, ପିତା ଶ୍ରୀ ବିଶ୍ୱଜିତ ବାଇପାଇ, ଦେଓଗାଁ ଗ୍ରାମ, ତିରିଙ୍ଗ ବ୍ଲକ୍ର ନିବାସୀ। ସେ ରାଇରଙ୍ଗପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର। ତାଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ଓ ଦୃଢ଼ ସଂକଳ୍ପ ଓଡ଼ିଶା ସବ୍-ଜୁନିୟର ଦଳକୁ ରୌପ୍ୟ ପଦକ ଅର୍ଜନ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛି। ଏହି ଐତିହାସିକ ସଫଳତା ପାଇଁ ଦୁହିଁ ଖେଳାଳିଙ୍କ ବିଦ୍ୟାଳୟର ମୁଖ୍ୟଶିକ୍ଷକ ଓ ଶାରିରିକ ଶିକ୍ଷା ପିଇଟି ଶିକ୍ଷକ ତାଙ୍କୁ ହୃଦୟପୂର୍ଣ୍ଣ ଅଭିନନ୍ଦନ ଜଣାଇଥିବା ସହ ଭବିଷ୍ୟତରେ ଆହୁରି ଉଚ୍ଚ ସଫଳତା କାମନା କରିଛନ୍ତି। ଏଥିସହ ମୟୂରଭଞ୍ଜ ଜିଲ୍ଲା ରଗବି ଫୁଟବଲ୍ ଆସୋସିଏସନ୍ ର ସାନନ୍ଦ ମାରାଣ୍ଡି, ସଭାପତି ସୁନାରାମ କିସ୍କୁ, ମୁଖ୍ୟ ପରାମର୍ଶଦାତା ଶ୍ରୀ ବାବା ଧଳାରାମ ହାଁସଦା, ଏମଡିଆର ଏଫଏ ଗ୍ରାସରୁଟ୍ ବିକାଶ କୋଚ୍ ଜିତେନ୍ଦ୍ର ସିଂହ ଓ ସଚିବ ଶ୍ରୀ ଜେ. ସୁଶିଲ ହେମ୍ବ୍ରମ ଦୁହିଁ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ପୂର୍ଣ୍ଣ ଓଡ଼ିଶା ସବ୍-ଜୁନିୟର ପୁରୁଷ ରଗବି ଦଳକୁ ମଧ ଜାତୀୟ ସ୍ତରରେ ରୌପ୍ୟ ପଦକ ଜିତିଥିବାରେ ଶୁଭେଚ୍ଛା ଜଣାଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରେ ଗ୍ରାସରୁଟ୍ ସ୍ତରରେ ରଗବି ଖେଳର ସୁଦୃଢ଼ ବିକାଶର ଏହି ସଫଳତା ଆଗାମୀ ପିଢ଼ୀର ଯୁବ ଖେଳାଳିମାନଙ୍କ ପାଇଁ ଏକ ବଡ଼ ପ୍ରେରଣା ବୋଲି କ୍ରୀଡ଼ା ପ୍ରେମୀମାନେ ମତ ପ୍ରକାଶ କରିଛନ୍ତି।

### ● ମହାତ୍ମାଗାନ୍ଧୀ ରାସ୍ତା କାର୍ଯ୍ୟରେ ଅନିୟମିତତା ଅଭିଯୋଗ

## ଜିଲ୍ଲାପାଳଙ୍କ ଦୃଷ୍ଟି କେବେ ପଡିବ ?



**ବାରିପଦା :** ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧୀନରେ ସାମାଖୁଣ୍ଟା ବାଲିଡ଼ିହା ଗ୍ରାମପଞ୍ଚାୟତ ଅଧିନସ୍ଥ ନୂଆଗାଁ ଗ୍ରାମରେ ଦୁଇଟି ରାସ୍ତାକାର୍ଯ୍ୟ ହେଉଛି। ଗୋଟିଏ ଗୌରମୋହନ ଘରଠାରୁ ଏସ ଏସ ଡି ଉଚ୍ଚ ବିଦ୍ୟାଳୟ ଓ ଅନ୍ୟଟି ଏସ ଏସ ଡି ଉଚ୍ଚ ବିଦ୍ୟାଳୟ ଠାରୁ ଶୀତଳା ମନ୍ଦିର ପର୍ଯ୍ୟନ୍ତ। ପ୍ରତ୍ୟେକ କାର୍ଯ୍ୟର ଅଟକଳ ମୂଲ୍ୟ ୮ ଲକ୍ଷ ଟଙ୍କା ରହିଅଛି । କିନ୍ତୁ କାର୍ଯ୍ୟ ଦୁଇଟି ଗ୍ରେଡ ୧ ମେଟାଲ ଓ ମୋରମରେ କାର୍ଯ୍ୟ ହେବା ନିମନ୍ତେ ଫଳକରେ ଉଲ୍ଲେଖି ରହିଅଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟି ଠିକାଦାର ରାସ୍ତାରେ ମେଟାଲ ନପକାଇ କେବଳ ମୋରମ ପକାଇ ଦେଇଛନ୍ତି। ଏହା ସହ ରାସ୍ତାରେ ରୋଲର ମଧ ଚଲାଉ ନାହାନ୍ତି।








## ଯୁଧିଷ୍ଠିର ବେହେରା

ସରପଞ୍ଚ
ପୁର୍ନ ଗ୍ରାମପଞ୍ଚାୟତ
ଜଗତସିଂହପୁର



**ଶୁଭେଚ୍ଛା ବାର୍ତ୍ତା**

ଜାଣି ଖୁସି ହେଲି ସାପ୍ତାହିକ ଖବର କାଗଜ 'ହର୍ଷିକା' ଆସନ୍ତା ଜାନୁଆରୀ ୨୬ ତାରିଖରେ ତାର ଆତ୍ମପ୍ରକାଶ କରିବାକୁ ଯାଉଛି । 'ହର୍ଷିକା' ସାଧାରଣ ଜନତାର ସ୍ୱରକୁ ସାଣିତ କରିବା ସହିତ ଦୈନ ଦିନର ଘଟଣାବଳୀକୁ ଲୋକ ଲୋଚନକୁ ଆଣିବାର ଏକ ବାର୍ତ୍ତାବହ ହେବ । ପ୍ରକାଶମାନଙ୍କର ଏତିକୀ ମହତ ଉଦ୍ୟମ ପାଇଁ ମୁଁ ସାଧୁବାଦ ଜଣାଉଛି ।

ଆଗାମୀ ଦିନରେ 'ହର୍ଷିକା' ଆମ ରାଜ୍ୟର ଏକ ଅଗ୍ରଣୀ ଖବର କାଗଜର ମାନ୍ୟତା ପାଇବା ସହିତ ଖୁବ୍ ଜନାଦୃତ ହେଉ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ।

◆



**ଶୁଭେଚ୍ଛା ବାର୍ତ୍ତା**

## ସଞ୍ଜୟ ପଟ୍ଟନାୟକ

ବରିଷ୍ଠ
ନାଗରିକ,ସମାଜସେବୀ



ଡ଼ଃ ବ୍ୟୋମକେଶ କାନୁନଗୋ ଜଣେ ସମାଜସେବୀ ଭାବରେ ତାଙ୍କର କାର୍ଯ୍ୟ ଆରମ୍ଭ କରିଥିଲେ । ସେ ବହୁତ ସମାଜସେବୀ ଅନୁଷ୍ଠାନ ସହିତ ଜଡିତ ରହି ସମାଜର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରି ବହୁତ ଥର ସମ୍ମାନିତ ହୋଇଛନ୍ତି। ତାଙ୍କରି ଉଦ୍ୟମରେ ଚାରି ବର୍ଷରୁ ଉର୍ଦ୍ଧ୍ୱ ହେବ ହର୍ଷିକା ମିଡିଆ ସେଲ ପ୍ରତିଷ୍ଠା କରି ଘାତ ପ୍ରତିଘାତ ମଧ୍ୟରେ ସମାଜର ଭଲ ମନ୍ଦ ଖବର ପ୍ରସାରଣ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଯାହାହେଉ ପୁନର୍ବାର ତାଙ୍କରି ସମ୍ପାଦନାରେ ଏକ ସାପ୍ତାହିକ ଓଡ଼ିଆ ସମ୍ବାଦ ପତ୍ରିକା 'ହର୍ଷିକା ଓଡ଼ିଆ ଖବର' ନାମରେ ପ୍ରକାଶ କରିବା ଉଦ୍ୟମ ବହୁତ ପ୍ରଶଂସନୀୟ । ଓଡ଼ିଆ ସାପ୍ତାହିକ ସମ୍ବାଦ ପତ୍ରିକା 'ହର୍ଷିକା ଓଡ଼ିଆ ଖବର'ର ଶୁଭାରମ୍ଭ ପାଇଁ ଅଭିନନ୍ଦନ! ସମ୍ପ୍ରଦାୟ ପାଇଁ ନୂତନ ଖବର ଆଣିବାରେ ଅପାର ସଫଳତା ଏବଂ ପ୍ରଭାବ କାମନା କରିବା ସହିତ ଏହା ବ୍ୟାପକ ପାଠକଙ୍କ ପାଖରେ ପହଞ୍ଚୁ ଏବଂ ସାକରାତ୍ମକ ପ୍ରଭାବ ସୃଷ୍ଟି କରୁ ।

ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଓଡିଆ ସାପ୍ତାହିକ ସମ୍ବାଦ ପତ୍ରିକାର ସଫଳତାର ଶୀର୍ଷରେ ପହଞ୍ଚି ପତ୍ରିକାର ଗୌରବ ମଣ୍ଡନ କରୁ ଏତିକି କାମନା କାରୁଛି ।

◆





**ଶୁଭେଚ୍ଛା ବାର୍ତ୍ତା**

ନୂଆକରି ଏକ ସାପ୍ତାହିକ ଖବର କାଗଜ, 'ହର୍ଷିକା ଓଡ଼ିଆ ଖବର' ପ୍ରସାରିତ ହେଉଥିବା ଶୁଣି ବହୁତ ଭଲ ଲାଗିଲା। 'ହର୍ଷିକା' ପରିବାରର ସମସ୍ତଙ୍କୁ ହୃଦୟରୁ ଧନ୍ୟବାଦ ଜଣେଇବା ସହିତ ନିରପେକ୍ଷ ଖବର ପ୍ରକାଶ ବରିବେ ବୋଲି ମୋର ଆଶା ଓ ଭରସା। ଜଗତର ନାଥ ଜଗନ୍ନାଥ ପାଖରେ ପ୍ରାଥନା କରୁଛି 'ହର୍ଷିକା' ପରିବାରର ଭବିଷ୍ୟତ ଉଜ୍ୱଳ ମୟ ହେଉ ।

◆

**- ବିଜୟ କୁମାର ଦାସ**



## ଅରବିନ୍ଦ ଜେନା

କର୍ପୋରେଟର ୱାର୍ଡ ନଂ ୫୩
କଟକ

ନବ ଉନ୍ମେଷ ନବ ଉନ୍ମାଦନାକୁ ନେଇ ଜାନୁୟାରୀ ୨୬ ତାରିଖ ଦିନ ଆତ୍ମ ପ୍ରକାଶ ପାଉଥିବା ସାପ୍ତାହିକ 'ହର୍ଷିକା ଓଡ଼ିଆ ଖବର' ଜନ ସାଧାରଣଙ୍କ ସ୍ୱରକୁ ସାଣିତ କରିବା ସଙ୍ଗେ ସଙ୍ଗେ ଦୈନନ୍ଦିନର ଘଟଣା ଓ ଆଲୋଚନକୁ ଆଣିବାର ଏକ ବାର୍ତ୍ତାବହ ସାଜିବ। ଏହାହିଁ କୋଟି ଓଡ଼ିଆଙ୍କ ମଉଡ଼ମଣୀ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।

◆



ଓଡ଼ିଆ ସାପ୍ତାହିକ ଖବର କାଗଜ 'ହର୍ଷିକା' ସତ୍ୟର ସ୍ୱର,ସମାଜର ଦର୍ପଣ ହେଉ -

ଓଡ଼ିଆ ଭାଷା,ସାହିତ୍ୟ ଏବଂ ସାମ୍ବାଦିକତା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଯୋଡ଼ିବାକୁ ଯାଉଥିବା ହର୍ଷିକା ସାପ୍ତାହିକ ଖବରକାଗଜର ଶୁଭାରମ୍ଭ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ।

ଆଜିର ବୈଷୟିକ ଯୁଗରେ ଖବରକାଗଜ କେବଳ ସୂଚନା ପ୍ରଦାନର ମାଧ୍ୟମ ନୁହେଁ, ବରଂ ଏହା ଜନମାନସରେ ସଚେତନତା ସୃଷ୍ଟି କରିବା ଏବଂ ଅବହେଳିତଙ୍କ ସ୍ୱରକୁ ପ୍ରଶାସନ ପାଖରେ ପହଞ୍ଚାଇବାର ଏକ ସଶକ୍ତ ମାଧ୍ୟମ। ମୋର ଆଶା ଓ ବିଶ୍ୱାସ, ଆପଣଙ୍କ ଦ୍ୱାରା ପ୍ରକାଶିତ ଏହି ପତ୍ରିକା,

ନିରପେକ୍ଷତା: ସମସ୍ତ ପକ୍ଷପାତିତାରୁ ଉର୍ଦ୍ଧ୍ୱରେ ରହି ସତ୍ୟ ପରିବେଷଣ କରିବ।

ସଂସ୍କୃତି: ଓଡ଼ିଶାର କଳା, ଭାଷା ଏବଂ ସଂସ୍କୃତିର ପ୍ରଚାର ପ୍ରସାରରେ ସହାୟକ ହେବ।

ଯୁବଶକ୍ତି: ନୂତନ ପିଢ଼ିର ପ୍ରତିଭାମାନଙ୍କୁ ନିଜର ମତ ରଖିବା ପାଇଁ ଏକ ସୁନ୍ଦର ମଞ୍ଚ ଯୋଗାଇଦେବ।

ଏହି ସାପ୍ତାହିକ ଖବରକାଗଜ ହର୍ଷିକା ପାଠକୀୟ ଆଦୃତି ଲାଭ କରିବା ସହ ସଫଳତାର ଶୀର୍ଷ ସ୍ପର୍ଶ କରୁ—ଏହା ହିଁ ଈଶ୍ୱର ଙ୍କ ନିକଟରେ ମୋର ପ୍ରାର୍ଥନା।

ସମ୍ପାଦକୀୟ ମଣ୍ଡଳୀ ଏବଂ ସମସ୍ତ କର୍ମକର୍ତ୍ତାଙ୍କୁ ମୋର ଅଶେଷ ଶୁଭକାମନା।

◆

**- ମହମ୍ମଦ ସକିଲ**
କଟକ

## ଇଂରାଜୀ ନବବର୍ଷର ଶୁଭ ଅଭିନନ୍ଦନ

### ଡ଼କ୍ଟର ରାମଚନ୍ଦ୍ର ଦାଶ

ସାମ୍ବାଦିକ ଓ ସ୍ତମ୍ଭକାର
କବି ଓ ପ୍ରାବନ୍ଧିକ




**ପ୍ରକାଶ ପାଇଲା**

ନବ ଉନ୍ମେଷ ନବ ଉନ୍ମାଦନାକୁ ନେଇ ପବିତ୍ର ଗଣତନ୍ତ୍ର ଦିବସରେ ଆତ୍ମ ପ୍ରକାଶ କରୁଥିବା ସାପ୍ତାହିକ 'ହର୍ଷିକା ଓଡ଼ିଆ ଖବର'। ଅନେକ ଅନେକ ଆଶା, ଆକାଂକ୍ଷା୍ ଓ ଉଦ୍ଦୀପନାକୁ ନେଇ । ଏହି ଶୁଭ ଅବସରରେ ପ୍ରୋକ୍ତ 'ହର୍ଷିକା ଓଡ଼ିଆ ଖବର' ଟିର ବହୁମୁଖୀ ପ୍ରତିଭାର ଉନ୍ମେଷ କାମନା କରି ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କର ପଦପଙ୍କଜ ତଳେ ଅନନ୍ତ କୋଟି ଭକ୍ତି ନୈବେଦ୍ୟ ଅର୍ପଣ କରିବା ସଙ୍ଗେ ସଙ୍ଗେ ସାପ୍ତାହିକ 'ହର୍ଷିକା ଓଡ଼ିଆ ଖବର'ର ସମ୍ପାଦକ ଡ଼ଃ. ବ୍ୟୋମକେଶ କାନୁନଗୋଙ୍କ ସର୍ବାଙ୍ଗୀନ ଉନ୍ନତି କାମନା କରୁଛି।

'ବନ୍ଦେ ଉତ୍କଳ ଜନନୀ'

◆

ଅକରପଡ଼ା, ପୋଷ୍ଟ-ନଳୀପୁର, ମାହାଙ୍ଗା,ଜିଲ୍ଲା:-କଟକ
ମୋବାଇଲ୍ ନଂ-୮୪୫୭୯୯୧୩୧୭




'ହିମୁ' କାଲି ରାତିରେ ଘରକୁ ଫେରିଲା । ରିଫ୍ରେସ୍ ହୋଇ ବସିଲା । ତା ସ୍ତ୍ରୀ ତାକୁ ଭଲ ଭଲ ଖାଇବାକୁ ଦେଲେ । ମାଲ୍‌ଟିକେ ଲୁଚେଇକି ରଖିଥିଲା ବାହାର କରି ପିଇଲା ଓ ଆରାମ୍‌ରେ ଶୋଇଲା ।

ସକାଳୁ ଉଠି ଦେଖିଲା ଆଇସିୟୁରେ ପଡିଛି । ପାଖରେ ତା' ଝିଅ ଥିଲା ହିମୁ ପଚାରିଲା ଏସବୁ କ'ଣ କେମିତି ହେଲା ।

ସେ କହିଲା କାଲି ରାତିରେ ତମେ ଶୋଇବା ପରେ ମାମା ତୁମ ଫୋନ୍ ବୁକ୍ ଚେକ୍ କଲେ । ପଡୋଶୀ ଆଣ୍ଟିଙ୍କ ନା ଟି ସାଇଡ୍ ଆଲୁ ଓ ଅନ୍ୟ କେତେକ ନଂ ନୂଆ ଆଲୁ, ପୁରୁଣା ଆଲୁ, ସାମନା ଆଲୁ, ଉପର ଆଲୁ, କଲେଜ ଆଲୁ, ଅଫିସ୍ ଆଲୁ ନାମରେ ସେଭ୍ ହେଇଥିଲା ।

ମାମା ଇରିଟେଡ୍ ହୋଇ ତାଙ୍କ ନିଜ ନଂରୁ ତମକୁ କଲ୍ କଲେ ଦେଖିଲେ ଲେଖାଥିଲା ପୋଟକା ଆଲୁ, ତା ପରେ ଯାହା ହେଲା ତୁମେ ବୁଝି ପାରୁଥିବ ।

**- ଜ୍ୟୋତିରଞ୍ଜନ ମହାନ୍ତି**



## ଶ୍ରୀମତୀ ଶୋଭାଗିନୀ ଜେନା

କର୍ପୋରେଟର ୱାର୍ଡ ନଂ ୫୨
କଟକ



**ଶୁଭେଚ୍ଛା ବାର୍ତ୍ତା**

ଜାଣି ଖୁସି ହେଲି ଯେ ଡ଼ଃ ବ୍ୟୋମକେଶ ବାବୁ ସାପ୍ତାହିକ ଖବର କାଗଜ 'ହର୍ଷିକା ଓଡ଼ିଆ ଖବର' ଆସନ୍ତା ଜାନୁଆରୀ ୨୬ ତାରିଖରେ ତାର ପ୍ରକାଶ କରିବାକୁ ଯାଉଅଛନ୍ତି । 'ହର୍ଷିକା ଓଡ଼ିଆ ଖବର' ଜନ ସାଧାରଣଙ୍କ ସ୍ୱରକୁ ସାଣିତ କରିବା ସଙ୍ଗେ ସଙ୍ଗେ ଦୈନନ୍ଦିନର ଘଟଣାଲୋଚନକୁ ଆଣିବାର ଏକ ବାର୍ତ୍ତାବହ ସାଜିବ । ଆଗାମୀ ଦିନରେ 'ହର୍ଷିକା ଓଡ଼ିଆ ଖବର' ଆମ ରାଜ୍ୟ ଓଡ଼ିଶାର ଏକ ଅଗ୍ରଣୀ ଖବର କାଗଜର ସମ୍ମାନ ପାଇବା ସହିତ ଜନାଦୃତ ଲାଭ କରୁ ଏହାହିଁ ପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ନିକଟରେ ପ୍ରାର୍ଥନା କରୁଛି ।

◆

## ଗୌର ପଟ୍ଟନାୟକ

ବରିଷ୍ଠ ନାଗରିକ ଓ ସମାଜସେବୀ



**ଶୁଭେଚ୍ଛା ବାର୍ତ୍ତା**

ଡ଼ଃ ବ୍ୟୋମକେଶ କାନୁନ୍‌ଗୋ ଜଣେ ଖୁବ୍ ମେଳାପୀ ଓ ମିଷ୍ଟଭାସୀ ମଣିଷ, ତାଙ୍କର ସମାଜ ପ୍ରତି ତ୍ୟାଗ, ନିଷ୍ଠାପରତାକୁ ମୁଁ ଖୁବ ନିକଟରୁ ଦେଖିଛି. ସବୁବେଳେ ନିରପେକ୍ଷ ଭାବେ ଲଢ଼ିଛନ୍ତି ସେ. ତାଙ୍କ ଟିମ୍ ବା ହର୍ଷିକା ମେଡ଼ିଆର ଏକ ସାପ୍ତାହିକ ଖବର କାଗଜ ଯାହା 'ହର୍ଷିକା ଓଡ଼ିଆ ଖବର' ପ୍ରକାଶିତ ହେବାକୁ ଯାଉଛି ଶୁଣି ଖୁବ ଆନନ୍ଦିତ ଲାଗୁଛି। ମୋର ଆଶା ଏ ସାପ୍ତାହିକ ଖବର କାଗଜ ନିଶ୍ଚିତ ଭାବେ ନିରପେକ୍ଷ ସାମ୍ବାଦ ପାରିବେଷଣ କରିବ ଏହା ମୋର ଆଶା। 'ହର୍ଷିକା ଓଡ଼ିଆ ଖବର' କାଗଜର ସମସ୍ତଙ୍କୁ ହୃଦୟର ଗଭୀରତମ ପ୍ରଦେଶରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣେଇବା ସହିତ ଉତ୍ତରତର କାମନା କରୁଛି।

◆

# ବକ୍ସ ଅଫିସ୍‌ରେ କମାଲ୍ ଦେଖାଇଲା 'ବର୍ଡର-୨'



ନୂଆଦିଲ୍ଲୀ : ୨୦୨୬ ର ବହୁ ପ୍ରତୀକ୍ଷିତ ଫିଲ୍ମ 'ବର୍ଡର-୨' ଗଣତନ୍ତ୍ର ଦିବସ ପୂର୍ବରୁ ଥିଏଟରରେ ରିଲିଜ୍ କରିଛି। ଫିଲ୍ମଟି ରିଲିଜ୍ ହେବା ପରେ ସାରା ଦେଶରେ ଚହଳ ପକାଇଛି। ସମାଲୋଚକଙ୍କ ଠାରୁ ନେଇ ଦର୍ଶକ ସମସ୍ତେ ଫିଲ୍ମକୁ ପ୍ରଶଂସା କରିବାରେ କୌଣସି ମଉକା ଛାଡ଼ି ନାହାଁନ୍ତି। ଏଥି ସହିତ, 'ବର୍ଡର ୨' ଏକ ବ୍ଲକବଷ୍ଟର ଓପନିଂ କରିଛି ଏବଂ ଅନେକ ଫିଲ୍ମର ରେକର୍ଡ ଭାଙ୍ଗି ଦେଇଛି। ସନି ଦେଓଲ, ବରୁଣ ଧାୱନ, ଦିଲଜିତ ଦୋସାଞ୍ଜ ଏବଂ ଆହାନ ଶେଟ୍ଟୀ ଅଭିନୀତ 'ବର୍ଡର ୨' ରିଲିଜ୍ ପୂର୍ବରୁ ଖୁବ୍ ଚର୍ଚ୍ଚାରେ ଥିଲା । ଆଡଭାନ୍ସ ବୁକିଂରେ ଏହା ୧୭ କୋଟି ଟଙ୍କାରୁ ଅଧିକ ସଂଗ୍ରହ କରିଥିଲା। ଏଥିସହିତ ରିଲିଜର ପ୍ରଥମ ସପ୍ତାହାନ୍ତରେ ଏହାର ରୋଜଗାର ବୃଦ୍ଧି ପାଇବ ଏବଂ ଏହା ଦୃଢ଼ କଲେକ୍ସନ କରି ୧୦୦ କୋଟି ଟଙ୍କା ଅତିକ୍ରମ କରିବ। ସୋମବାର ଦିନ ଗଣତନ୍ତ୍ର ଦିବସର ଛୁଟି, ଏବଂ ଫିଲ୍ମଟି ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ରହିଛି। ଦିନରେ ଥିଏଟର ବାହାରେ ଦର୍ଶକଙ୍କ ଜବରଦସ୍ତ ଭିଡ ଜମିଥିଲା। ଏବଂ ଫିଲ୍ମଟି ବକ୍ସ ଅଫିସରେ ଭଲ ଓପନିଂ କରିଥିଲା। ସାକନିଲ୍କର ପ୍ରାରମ୍ଭିକ ଟ୍ରେଣ୍ଡ ରିପୋର୍ଟ ଅନୁଯାୟୀ, 'ବର୍ଡର ୨' ରିଲିଜର ପ୍ରଥମ ଦିନରେ ୩୦ କୋଟି ଟଙ୍କା ସହିତ ଆରମ୍ଭ କରିଛି। ଏହା କେବଳ ଗୋଟିଏ କି ଦୁଇଟି ନୁହେଁ ବରଂ ୨୨ଟି ଫିଲ୍ମର ପ୍ରଥମ ଦିନର ଆୟ ରେକର୍ଡ ଭାଙ୍ଗିଛି। ତେବେ 'ବର୍ଡର ୨' ର ପ୍ରଥମ ଦିନର ଆୟକୁ ଦେଖିଲେ ଲାଗୁଛି ଯେ




## ହର୍ଷିକା ପରିଚାଳନା ସଦସ୍ୟ





**ଡ. ଅନିରୁଦ୍ଧ ମହାନ୍ତି**
ଖଣ୍ଡଗିରି ବାରି, ଖଣ୍ଡଗିରି,
ଭୁବନେଶ୍ୱର

**ଶୁଭେଚ୍ଛା ବାର୍ତ୍ତା**

ଅଦ୍ୟ ପବିତ୍ର ଶୁଭ ଦିବସର ମାଙ୍ଗଲ୍ୟ ଅବକାଶରେ ଅସଂଖ୍ୟ ଆଶା, ଆକାଙ୍କ୍ଷା ଓ କଳ୍ପନାର ସ୍ମାରକୀ ବହନ କରି ସତ୍ୟ ପ୍ରକାଶ ପୂର୍ବକ ଅଧୁନାନ୍ତନ ସମାଜର ସାଂପ୍ରତିକ ସ୍ୱରୂପ ପ୍ରଦର୍ଶନର ଏକ ସ୍ୱପ୍ନିଳ ଆଲେଖ୍ୟ ପରି ପ୍ରକାଶରେ ଦୁର୍ବାର ପ୍ରୟାସ ଘୋଷଣା କରିଥିବା ସାପ୍ତାହିକ ସମ୍ବାଦପତ୍ର "ହର୍ଷିକା ଓଡ଼ିଆ ଖବର'ର ସତ୍ୟନିଷ୍ଠ ସଂପାଦକଙ୍କୁ ଅସଂଖ୍ୟ ଶ୍ରଦ୍ଧା ସୁମନ ପ୍ରଦାନ କରିବା ସଙ୍ଗେ ସଙ୍ଗେ ପ୍ରୋକ୍ତ ସଂବାଦ ପତ୍ରର ଉତ୍ତରୋତ୍ତର ପ୍ରଗତି କାମନା କରି ସର୍ବ କାରଣ କାରଣ ପ୍ରଭୁ ଜଗନ୍ନାଥଙ୍କର ପଦ ପଙ୍କଜ ତଳେ ଅସଂଖ୍ୟ ଭକ୍ତି ପୁଷ୍ପାଞ୍ଜଳି ଅର୍ପଣ କରୁଛି ।

ଦୂରଭାଷ : ୭୫୦୪୮୬୮୧୮୮

## ସୋଲଜର ଅଫ ହର୍ଷିକା ମେଡ଼ିଆ







## ୮ ମାଓବାଦୀ ନିହତ

**ନୂଆଦିଲ୍ଲୀ :** ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମି ଜିଲ୍ଲାର ସରଣ୍ଡା ଜଙ୍ଗଲରେ ସୁରକ୍ଷା ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଏକ ଜୋରଦାର ଗୁଳି ବିନିମୟ ହୋଇଛି । ଏହି ଭୟଙ୍କର ଏନକାଉଣ୍ଟରରେ ଜଣେ ଟପ୍ କ୍ୟାଡର ମାଓ କମାଣ୍ଡର ଅନଲ ଦା ଓରଫ ଟୁଫାନ ନିହତ ହୋଇଛି । ଏହି କମାଣ୍ଡର ଉପରେ ସରକାର ୧ କୋଟି ଟଙ୍କାର ପୁରସ୍କାର ରଖିଥିଲେ । ଏନକାଉଣ୍ଟରରେ ୮ ଜଣ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି ।

# ଆମେରିକା ପାଖରେ ଅଛି 'ଗୁପ୍ତ ସୋନିକ୍ ଅସ୍ତ୍ର' : ଟ୍ରମ୍ପ

**ୱାଶିଂଟନ :** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି ଯେ ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ ଧରିବା ପାଇଁ ଆମେରିକା ଏକ 'ଗୁପ୍ତ ସୋନିକ୍ ଅସ୍ତ୍ର' ବ୍ୟବହାର କରିଥିଲା । ନ୍ୟୁଜ୍ ନେସନକୁ ଦେଇଥିବା ଏକ ସାକ୍ଷାତ୍କାରରେ ଟ୍ରମ୍ପ କହିଛନ୍ତି ଯେ ଆମେରିକା ସେନା ପାଖରେ ଥିବା ଗୁପ୍ତ ସୋନିକ୍ ଅସ୍ତ୍ର ଅନ୍ୟ କାହା ପାଖରେ ନାହିଁ । ସେ ଆହୁରି କହିଛନ୍ତି ଯେ ଆମେରିକା ପାଖରେ ଏପରି କିଛି ଅସ୍ତ୍ରଶସ୍ତ୍ର ଅଛି ଯାହା ବିଷୟରେ ଅନ୍ୟ କେହି ଜାଣି ନାହାନ୍ତି । ଜାନୁଆରି ୩ରେ ମାଦୁରୋଙ୍କୁ ଧରିବା ପାଇଁ ବ୍ୟବହୃତ ରହସ୍ୟମୟ ଅସ୍ତ୍ରଶସ୍ତ୍ର ବିଷୟରେ ଆମେରିକାର ରାଷ୍ଟ୍ରପତି କୌଣସି ବିବରଣୀ ଦେଇନାହାନ୍ତି । ସାକ୍ଷାତ୍କାର ସମୟରେ ଟ୍ରମ୍ପ କହିଛନ୍ତି ଯେ ଏହାର ବୈଶିଷ୍ଟ୍ୟର ସବିଶେଷ ତଥ୍ୟ ଭିତରକୁ ନ ଯିବା ବୋଧହୁଏ ଭଲ । କିନ୍ତୁ ଆମ ପାଖରେ କିଛି ଆଶ୍ଚର୍ଯ୍ୟଜନକ ଅସ୍ତ୍ରଶସ୍ତ୍ର ଅଛି ବୋଲି ଟ୍ରମ୍ପ କହିଛନ୍ତି । ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ଉପରେ ଟ୍ରମ୍ପ କହିଛନ୍ତି, ଏହା ଏକ ଆଶ୍ଚର୍ଯ୍ୟଜନକ ଆକ୍ରମଣ ଥିଲା । ମାଦୁରୋ ଆମେରିକାରେ ଡ୍ରଗ୍ସ କାରବାର କରୁଥିବା ଟ୍ରମ୍ପ ପ୍ରଶାସନ ଅଭିଯୋଗ କରିଛି, ଯାହାକୁ କାରାକାସ୍ ବ୍ୟାପକ ଭାବରେ ପ୍ରତ୍ୟାଖ୍ୟାନ କରିଛି । ଏହି ଚଢ଼ଉର କିଛି ଘଣ୍ଟା ପରେ ଭେନେଜୁଏଲାର ଆଭ୍ୟନ୍ତରୀଣ ମନ୍ତ୍ରୀ କହିଛନ୍ତି ଯେ ମାଦୁରୋଙ୍କ କମ୍ପାଉଣ୍ଡରେ ହୋଇଥିବା ଆକ୍ରମଣରେ ଅତି କମ୍‌ରେ ୧୦୦ ଜଣଙ୍କର ମୃତ୍ୟୁ ଘଟିଛି । ତଥାପି ଏହା ସ୍ପଷ୍ଟ ହୋଇନାହିଁ ଯେ ଏହି ମୃତ୍ୟୁ ଉପରୋକ୍ତ ଗୁପ୍ତ ସୋନିକ୍ ଅସ୍ତ୍ରର ବ୍ୟବହାର ସହିତ ଜଡିତ କି ନାହିଁ । ଗୁପ୍ତ ସୋନିକ୍ ଅସ୍ତ୍ରର ବିବରଣୀକୁ ନେଇ ପ୍ରଶ୍ନ ବଢୁଥିବା ବେଳେ ରୁଷ୍ ଏହି ଉପକରଣ ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରିବାକୁ ଆମେରିକାକୁ କହିଛି । ଆମେରିକା ପାଖରେ ଅସ୍ତ୍ରଶସ୍ତ୍ର ଥିବା ବିଷୟରେ ଟ୍ରମ୍ପ କ'ଣ କହିବାକୁ ଚାହୁଁଥିଲେ ସେ ବିଷୟରେ କ୍ରେମଲିନ୍ ଅଧିକ ସ୍ପଷ୍ଟତା ଦାବି କରିଛି । କ୍ରେମଲିନ୍ ମୁଖପାତ୍ର ଦିମିତ୍ରୀ ପେସ୍କୋଭ୍ କହିଛନ୍ତି ଯେ ରୁଷର ସ୍ୱତନ୍ତ୍ର ସେବାକୁ ସୂଚନା ସଂଗ୍ରହ ଓ ବିଶ୍ଳେଷଣ ପାଇଁ ଦାୟିତ୍ୱ ଦିଆଯାଇଛି ।



## ପାକିସ୍ତାନରେ ମିଳିଲା କଳା ସୁନାର ଖଣି !

## ମେଣ୍ଟିବ ଦେଶର ଭୋକ

**ପାକିସ୍ତାନ :** ପାକିସ୍ତାନର ମେଣ୍ଟିବ ଭୋକ । ସୁଧୁରିବ ଦେଶର ସ୍ଥିତି । କାହିଁକି ନା ପାକିସ୍ତାନରୁ ମିଳିଲା କଳା ସୁନାର ଖଣି । ପାକିସ୍ତାନ ସରକାରୀ ତୈଳ କମ୍ପାନୀ ଓଜିଡିସିଏଲ୍, ଖାଇବର ପଖତୁନଖ୍ୱା ପ୍ରଦେଶର କୋହତ ଜିଲ୍ଲାରେ ଏକ ତେଲ ଓ ଗ୍ୟାସ୍ ଭଣ୍ଡାର ଠାବ କରିଛି । ଗୋଟିଏ ମାସ ମଧ୍ୟରେ ଏହା ତୃତୀୟ ଭଣ୍ଡାର ଠାବ ହୋଇଛି । ଆଶା କରାଯାଉଛି ଏଥିରୁ ପାକିସ୍ତାନର ସ୍ଥିତି ସୁଧୁରିବ । ଠାବ ହୋଇଥିବା ତେଲ ଭଣ୍ଡାର ୨୦୨୪ରେ ଖନନ କରାଯାଇଥିଲା, ଏବଂ ତା'ପରେ ପରୀକ୍ଷଣ କରାଯାଇଥିଲା । ପରୀକ୍ଷଣରୁ ଜଣାପଡ଼ିଥିଲା ଯେ ଦୈନିକ ୩,୧୦୦ ବ୍ୟାରେଲ୍ ଅଶୋଧିତ ତେଲ ଏବଂ ୮.୧୫ ମିଲିୟନ୍ ଘନଫୁଟ ପ୍ରାକୃତିକ ଗ୍ୟାସ ଉତ୍ପାଦନ ହେବ । ବର୍ତ୍ତମାନ ପାକିସ୍ତାନ ଆର୍ଥିକ ସଙ୍କଟ ଦେଇ ଗତି କରୁଛି । ଦେଶରେ ଗରିବି ବଢୁଛି । ଏଭଳି ପରିସ୍ଥିତିରେ ତୈଳ ଭଣ୍ଡାର ଠାବ ହେବା ପାକିସ୍ତାନ ପାଇଁ କୌଣସି ବରଦାନଠୁ କମ୍ ନୁହେଁ । ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ, ସରକାର ଘରୋଇ ତୈଳ ଏବଂ ଗ୍ୟାସ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛନ୍ତି । ଡଂଏଉଉଖ କହିଛି ଯେ ଏହି ଆବିଷ୍କାର ଘରୋଇ ସମ୍ପଦରୁ ଶକ୍ତି ଯୋଗାଣ ଏବଂ ଚାହିଦା ବ୍ୟବଧାନକୁ ହ୍ରାସ କରିବ ଏବଂ ଦେଶର ହାଇଡ୍ରୋକାର୍ବନ ଭଣ୍ଡାର ବୃଦ୍ଧି କରିବ । ଆଉ ଆଗାମୀ ଦିନରେ ଦେଶର ଆର୍ଥିକ ସ୍ଥିତି ସ୍ୱଚ୍ଛଳ କରିବ ବୋଲି ଆଶା କରାଯାଉଛି



## ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଶକ୍ତିଶାଳୀ ଲେଜର ଅସ୍ତ୍ର

# 'ହାଇ-ପାୱାର ଲେଜର ଅସ୍ତ୍ର'





**ନୂଆଦିଲ୍ଲୀ :** ବିଶ୍ୱରେ ବଦଳୁଥିବା ସୁରକ୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ଏବେ ନିଜସ୍ୱ ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ଅଧିକ ସୁଦୃଢ଼ କରିବାକୁ ଯାଉଛି । ରୁଷର ଏସ୍-୪୦୦ ପ୍ରଣାଳୀ ପରେ, ଭାରତ ଏବେ ନିଜସ୍ୱ ଜ୍ଞାନକୌଶଳରେ ନିର୍ମିତ 'ହାଇ-ପାୱାର ଲେଜର ଅସ୍ତ୍ର' ପ୍ରସ୍ତୁତ କରୁଛି । ଏହା ପାରମ୍ପରିକ ଗୋଳାବାରୁଦ ବିନା ଶତ୍ରୁପକ୍ଷର ଡ୍ରୋନ୍ ଏବଂ ମିସାଇଲକୁ ଆକାଶରେ ଧ୍ୱଂସ କରିବାରେ ସକ୍ଷମ ହେବ । ଭାରତ ସରକାର ସମଗ୍ର ଦେଶକୁ ଏକ ଅଭେଦ୍ୟ ସୁରକ୍ଷା କବଚରେ ଘେରିବା ପାଇଁ 'ମିଶନ ସୁଦର୍ଶନ ଚକ୍ର' ଆରମ୍ଭ କରିଛନ୍ତି । ଏହି ମିଶନ ଅଧୀନରେ ଆକାଶ-ଏନଜି ଏବଂ ଏସ୍-୪୦୦ ଭଳି କ୍ଷେପଣାସ୍ତ୍ର ସହିତ ଏହି ନୂତନ ଲେଜର ଅସ୍ତ୍ରକୁ ସାମିଲ କରାଯିବ । ସୂଚନା ଅନୁଯାୟୀ, ଭାରତ ରୁଷର ଅତ୍ୟାଧୁନିକ ଏସ୍-୫୦୦ ପ୍ରଣାଳୀ ଆଣିବା ପାଇଁ ମଧ୍ୟ ଯୋଜନା କରୁଛି । ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ ଏହି ଲେଜର ଅସ୍ତ୍ର ଉପରେ କାମ କରୁଛି । ଏହାର କିଛି ମୁଖ୍ୟ ଦିଗ ହେଲା, ଏହା ଏକ ଶକ୍ତିଶାଳୀ ହାଇ-ଏନର୍ଜି ଲେଜର (ହେଲ୍) ଅସ୍ତ୍ର, ଯାହା ଶତ୍ରୁର ବିମାନ ବା କ୍ଷେପଣାସ୍ତ୍ରକୁ ପୋଡ଼ି ପାଉଁଶ କରିଦେବ । ୨୦ କିଲୋମିଟର ଦୂରତାରେ ଥିବା ଲକ୍ଷ୍ୟକୁ ଏହା ଅତି ସୂକ୍ଷ୍ମ ଭାବେ ଟାର୍ଗେଟ କରିପାରିବ । ଏହି ଅସ୍ତ୍ରରୁ ଗୋଟିଏ 'ସଟ୍' ମାରିବା ପାଇଁ ପ୍ରାୟ କିଛି ଖର୍ଚ୍ଚ ହେବ ନାହିଁ ଏବଂ ଏଥିରେ ଗୋଳାବାରୁଦ ଶେଷ ହେବାର ଭୟ ନାହିଁ । ଏହା ଦ୍ରୁତଗତିରେ ଆସୁଥିବା ଡ୍ରୋନ୍, କ୍ରୁଜ୍ ମିସାଇଲ୍ ଏବଂ ଲଢୁଆ ବିମାନକୁ ମଧ୍ୟ ଅକାମୀ କରିଦେବ । ଡିଆରଡିଓ ଏହି ପ୍ରଣାଳୀର ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶର ସଫଳ ପରୀକ୍ଷଣ କରିସାରିଛି । ଏଥିରେ ବ୍ୟବହୃତ 'ସେଣ୍ଟ୍ରିଫ୍ୟୁଗାଲ୍ ବବଲ୍' (ଡିଇଓ) ଏବଂ 'ସୁପରସୋନିକ ନୋଜଲ୍' ଭଳି ଅତ୍ୟାଧୁନିକ ଜ୍ଞାନକୌଶଳ ଲେଜରର ଶକ୍ତି ଓ ସଠିକତାକୁ ବଜାୟ ରଖିବାରେ ସାହାଯ୍ୟ କରେ । ଏହି ସ୍ୱଦେଶୀ ଜ୍ଞାନକୌଶଳ ସଫଳ ହେଲେ ଭାରତ ବିଶ୍ୱର ସେହି କିଛି ସୀମିତ ଦେଶଙ୍କ ତାଲିକାରେ ସାମିଲ ହେବ, ଯାହାଙ୍କ ପାଖରେ ଶକ୍ତିଶାଳୀ 'ଡାଇରେକ୍ଟେଡ୍ ଏନର୍ଜି ୱେପନ୍' ରହିଛି । ଏହା ଦେଶର ସୀମା ସୁରକ୍ଷାକୁ ଏକ ନୂଆ ଦିଶା ପ୍ରଦାନ କରିବ ।

## ● ୧୬ ବର୍ଷରୁ କମ୍ ପିଲାଙ୍କ ପାଇଁ


# ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଲଗାଇବ ଆନ୍ଧ୍ର !

**ବେଙ୍ଗାଲୁରୁ :** ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ସୋସିଆଲ ମିଡିଆ ବ୍ୟବହାର ଉପରେ ଅଷ୍ଟ୍ରେଲିଆ ଭଳି ପ୍ରତିବନ୍ଧକ ଲଗାଇବ ଆନ୍ଧ୍ରପ୍ରଦେଶ । ଏ ନେଇ ଅଷ୍ଟ୍ରେଲିଆର ନିଷେଧାଦେଶ ଉପରେ ଅଧ୍ୟୟନ କରାଯାଉଛି ବୋଲି ମଙ୍ଗଳବାର ଆନ୍ଧ୍ର ପ୍ରଯୁକ୍ତିବିଦ୍ୟା ଓ ମାନବ ସମ୍ବଳ ମନ୍ତ୍ରୀ ନାରା ଲୋକେଶ କହିଛନ୍ତି । ଡାଭୋସରେ ବିଶ୍ୱ ଅର୍ଥନୈତିକ ଫୋରମ୍ ଅବସରରେ ନାରା




ଲୋକେଶ କହିଛନ୍ତି, ଏକ ନିର୍ଦ୍ଦିଷ୍ଟ ବୟସରୁ କମ୍ ବୟସର ପିଲାମାନେ ସୋସିଆଲ ମିଡିଆରେ ରହିବା ଉଚିତ ନୁହେଁ କାରଣ ସେମାନେ ଯାହା ଦେଖୁଛନ୍ତି ତାହା ବୁଝନ୍ତି ନାହିଁ । ସୋସିଆଲ ମିଡିଆରେ ପ୍ରବେଶ କରୁଥିବା ନାବାଳକମାନଙ୍କ ପାଇଁ ଭାରତ ପିତାମାତାଙ୍କ ନିୟନ୍ତ୍ରଣ ଲାଗୁ କରିଛି, କିନ୍ତୁ ବ୍ୟାପକ ପ୍ରତିବନ୍ଧକ ଉପରେ କେନ୍ଦ୍ର ସରକାର ଏପର୍ଯ୍ୟନ୍ତ କୌଣସି ମତ ପ୍ରକାଶ କରିନାହାନ୍ତି । ସୋସିଆଲ ମିଡିଆ ପ୍ଲାଟଫର୍ମ ଓ କ୍ଷତିକାରକ ଅନଲାଇନ୍ ବିଷୟବସ୍ତୁ ଉପରେ କଠୋର ନିୟନ୍ତ୍ରଣ ପାଇଁ କୋର୍ଟରେ ପିଟିସନ ଦାଖଲ କରାଯାଇଥିବାବେଳେ ରାଜ୍ୟ ସରକାର ଏପରି ବିଚାର କରୁଛନ୍ତି । ସାଇବର ସୁରକ୍ଷା ଓ ସାର୍ବଜନୀନ ନୀତିରେ ବିଶେଷଜ୍ଞ ଓକିଲ କର୍ଣ୍ଣିକା ସେଠ୍ କହିଛନ୍ତି, ଆଇପି ଚିହ୍ନଟକୁ ଏଡ଼ାଇବା ପାଇଁ ଉପାୟ ଓ ମାଧ୍ୟମ ଅଛି । ସମ୍ପୂର୍ଣ୍ଣ ନିଷେଧାଦେଶ ଉପରେ ଦୃଷ୍ଟି ଦେବାକୁ ପଡିବ ।

# ଜରାଜୀର୍ଣ୍ଣ ଅବସ୍ଥାରେ ଶୈବ ପୀଠ



**ବିଂଝାରପୁର :** ଯାଜପୁର ଜିଲ୍ଲାରେ ରାଜ୍ୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିବା ପର୍ଯ୍ୟଟନସ୍ଥଳୀ ଭିତରେ ରହିଛି ବାବା ବରୁଣେଶ୍ୱରଙ୍କ ପୀଠ। ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ପଞ୍ଚାୟତରେ ବାବା ବରୁଣେଶ୍ୱରଙ୍କ ପୀଠ ଅବସ୍ଥିତ ।ବାବାଙ୍କ ମହିମା ଆଉ ପ୍ରତିବର୍ଷ ଜାନୁଆରୀ ୧୪ରୁ ଆରମ୍ଭ ହେଉଥିବା ମକର ମେଳା ପାଇଁ ଏଠାକୁ ଅନେକ ଶ୍ରଦ୍ଧାଳୁ ଆସିଥାନ୍ତି। ଐତିହ୍ୟ ଆଉ କିମ୍ବଦନ୍ତୀ କହେ କୁଶଭଦ୍ରା ନଦୀ ,ନିକଟରେ ଥିବା ବରୁଣ ବୃକ୍ଷ ମୂଳରେ ଦେବରାଜ ବ୍ରହ୍ମା ଶିବ ଲିଙ୍ଗ ରଖି ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। କୁହାଯାଏ ଗଦାକ୍ଷେତ୍ରରେ ମା ବିରଜା ଦେବୀଙ୍କୁ ସ୍ଥାପନା କରିବାକୁ ବ୍ରହ୍ମାଙ୍କର ପ୍ରତିଷ୍ଠା ପୂଜା ଅସଫଳ ହୋଇଥିବାରୁ ଯାଜପୁର ସହର ସ୍ଥିତ କୁଆଁସରପୁର ଅଂଚଳର ଶୁଭାସ୍ଥମ୍ଭକୁ କେନ୍ଦ୍ର କରି ଏକ ସୁକ୍ଷ୍ମକୋଣୀ ସମବାହୁ ତ୍ରିଭୁଜ ଅଙ୍କନ କରିଥିଲେ ଏହି ଯାଜପୁର ମାଟିରେ। ତ୍ରିଭୁଜର ତିନି କୋଣରେ ଯଥାକ୍ରମେ , (୧) ବେଲେଶ୍ୱର,(୨) ଖିଲାଟେଶ୍ୱର,(୩) ବରୁଣେଶ୍ୱର ନାମକ ତିନିଗୋଟି ଶୈବପୀଠ ସ୍ଥାପନା କରିଥିଲେ। ଯାହାର ସମଦୁରତା ରହିଅଛି। ସେବେଠାରୁ ବାବା ଏହିଠାରେ ପୂଜା ପାଇ ଆସୁଛନ୍ତି। ବାବାଙ୍କୁ ଯେଉଁ ବରୁଣ ବୃକ୍ଷ ମୂଳରେ ବ୍ରହ୍ମା ପ୍ରତିଷ୍ଠା କରିଥିଲେ ତାହା ଏବେବି ଅଛି ଆଉ ଐତିହ୍ୟର ଗୌରବମାନ ପୃଷ୍ଠା ବିମଣ୍ଡିତ କରୁଛି। ବରୁଣ ବୃକ୍ଷ ମୂଳରେ ପୂଜା ପାଉଥିବାରୁ ପ୍ରଭୁ ଶିବ ଏଠାରେ ବରୁଣେଶ୍ୱର ନାମେ ପୂଜା ପାଇ ଆସୁଛନ୍ତି ।କାଳକ୍ରମେ ସ୍ଥାନୀୟ ବାସିନ୍ଦା ତଥା ଶ୍ରଦ୍ଧାଳୁଙ୍କ ଉଦ୍ୟମ କ୍ରମେ ଏଠି ବାବାଙ୍କର ମନ୍ଦିର ସ୍ଥାପନ ହୋଇଅଛି। ବାବାଙ୍କ ମନ୍ଦିର ପ୍ରତିଷ୍ଠା ସହିତ ବାପା ଅଜା ଅମଳରେ ଏଠାରେ ଦୁଇରୁ ତିନି ଦିନ ଧରି ପଲ୍ଲୀଶ୍ରୀ ମେଳା ଅନୁଷ୍ଠିତ ହେଉଥିଲା। ଘରକରଣା ସାମଗ୍ରୀ ସହିତ ଅନ୍ୟାନ୍ୟ ଦୋକାନ ପଡୁଥିଲା ।କିନ୍ତୁ କାଳକ୍ରମେ ଏହା ହାଇଟେକ୍ ମେଳାରେ ପରିଣତ ହୋଇଛି। ଦୁଇ ଦିନରୁ ଏହା ୯ଦିନରେ ପହଞ୍ଚିଛି। ହଜାର ହଜାର ଦୋକାନ ସାଙ୍ଗକୁ ଲକ୍ଷାଧିକ ଲୋକଙ୍କ ସମାଗମ ଏହି ଗ୍ରାମୀଣ ମେଳାକୁ ଅଧିକ ଆକର୍ଷଣୀୟ କରିଛି ।ପ୍ରତିବର୍ଷ ମକର ମେଳା ମହାବିଷୁବ ସଂକ୍ରାନ୍ତି ବା ମକର ସଂକ୍ରାନ୍ତି ଠାରୁ ଆରମ୍ଭ ହୋଇଥାଏ ।ମେଳାର ପ୍ରଥମ ଦିନରେ ଦର୍ଶନ ଦେଇଥାନ୍ତି ବାବା ବରୁଣେଶ୍ୱର। ବର୍ଷ ସାରା ଜଳମଗ୍ନ ହୋଇ ରହିଥିବା ବରୁଣେଶ୍ୱର ମକର ସଂକ୍ରାନ୍ତି ଦିନ ବଡ଼ ସିଂହାର ବେଶରେ ଭକ୍ତ ମାନଙ୍କୁ ଦର୍ଶନ ଦେଇଥାନ୍ତି। ଭକ୍ତଙ୍କ ମନୋବାଞ୍ଛା ପୂର୍ଣ୍ଣ କରିବା ସହିତ ନାନା ଦୁରାରୋଗ୍ୟ ବ୍ୟାଧି ଦୂର ହୋଇଥାଏ ବାବାଙ୍କ ଅପାର କରୁଣାରୁ। ବାବାଙ୍କ ପାଦୁକରେ ବହୁ ଦୁରାରୋଗ୍ୟ ରୋଗ ଭଲ ହୋଇଥାଏ ବୋଲି ବିଶ୍ୱାସ ରହିଛି ।ତେଣୁ କରି ବର୍ଷ ତମାମ ଏଠି ଜନ ସମାଗମ ରହୁଥିବା ବେଳେ ମକର ମେଳାରେ ଏହା ଦ୍ୱିଗୁଣିତ ହୋଇଥାଏ। ମେଳା ବୁଲା ସାଙ୍ଗକୁ ଶୀତ ରାତିର ଥଣ୍ଡାର ଲହରୀ ମଧ୍ୟରେ ବନ୍ଦ ତମ୍ବୁ ମଧ୍ୟରେ ଯାତ୍ରା କଳାକାରଙ୍କ ଜୀବନ୍ତ ଅଭିନୟକୁ ଭରପୁର ଉପଭୋଗ କରନ୍ତି ମେଳା ବୁଲି ଆସୁଥିବା ଲୋକେ। ସବୁ ପରେ ଆଜି ଏହି ଐତିହ୍ୟର ପୀଠ ଅବହେଳିତ ଅବସ୍ଥାରେ। ଗୌରବର ଇତିହାସ ବହନ କରୁଥିବା ଏହି ପୀଠ ଆଜିବି ଅବହେଳିତ ।ପୀଠର ବିକାଶ ପାଇଁ ୨୦୨୩ ମସିହାରେ ଏହି ପୀଠକୁ ଆସି ଅନୁଦାନ ଘୋଷଣା କରିଥିଲେ ତତ୍କାଳୀନ ୫ଟି ସଚିବ ଭିକେ ପାଣ୍ଡିଆନ ।କିନ୍ତୁ ତାହା କେବଳ ଘୋଷଣାରେ ରହିଗଲା। କେବଳ ସେତିକି ନୁହେଁ ପୁର୍ନବାର ପୀଠର ବିକାଶ ପାଇଁ ପାଖାପାଖି ୫୦ ଲକ୍ଷର ଘୋଷଣା ନୂତନ ସରକାରଙ୍କ ସମୟରେ କରାଯାଇଥିଲେ ମଧ୍ୟ ତାହା ଆଗେଇ ପାରୁ ନଥିବା ଅଭିଯୋଗ ହୋଇଛି। ବରୁଣେଶ୍ୱର ମେଳାରେ ବରୁଣେଶ୍ୱରଙ୍କ ପାଇଁ ବହୁ ଦୂର ଦୁରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁ ମାନଙ୍କ ପାଇଁ ଏଠାରେ ରହଣିର ବ୍ୟବସ୍ଥା ନଥିବା ଅଭିଯୋଗ ହୋଇଛି। ମନ୍ଦିର ପରିସରରେ ଥିବା ପ୍ରଭୁ ଜଗନ୍ନାଥ ମନ୍ଦିର ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା।

# ୨୯ ବର୍ଷରେ ସ୍ୱାମୀଜୀ ଯୁବକ ସଂଘ

**କଟକ :** କଟକ ସଦର ୪୨ ମୌଜାସ୍ଥିତ ବରାଳ ଗ୍ରାମର ଏକ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସ୍ୱାମିଜୀ ଯୁବକ ସଂଘ ର ୨୯ ତମ ବାର୍ଷିକ ଉତ୍ସବ ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଅଛି । ସଂଘ ତରଫରୁ ବିଭିନ୍ନ ପ୍ରତିଯୋଗିତା ତଥା - ଭାଷଣ, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ରଚନା, ଏକକ ନୃତ୍ୟ, ଗୋଷ୍ଠୀ ନୃତ୍ୟ, ମଞ୍ଚ ପ୍ରଶ୍ନୋତ୍ତର ଆଦି ଆୟୋଜିତ ହୋଇଥିଲା । ଏଥିରେ ୪୫ଟି ବିଦ୍ୟାଳୟ, ୪ଟି ମହାବିଦ୍ୟାଳୟ ର ପ୍ରାୟ ୩୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏଥିସହିତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୩୦ ଜଣ ବିଶିଷ୍ଟ ବ୍ୟକ୍ତିତ୍ୱ ଓ ୫ଟି ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରଯାଇଥିଲା ।ଉଦଘାଟନ ସଭାରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ସମରେନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅଧକ୍ଷ ଡ଼ଃ ବିଶ୍ୱଜିତ୍ ରାୟ, ସମାଜସେବୀ ବିଜୟ କୁମାର ନାୟକ ଯୋଗ ଦେଇଥିଲେ। ଉଦ୍ଯାପନ ସଭାରେ ମୁଖ୍ୟ ଅତିଥି ଭାବରେ ୟୁନିଅନ୍ ଫର୍ କଟକ ସଦରର ସଭାପତି ପ୍ରଫେସର ମନୋଜ କୁମାର ନାୟକ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ନିଜର ଆଶିର୍ବଚନ ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ସମ୍ମାନିତ ଅତିଥି ଓଡ଼ିଆ ସିନେତାରକା ସୁଶ୍ରୀ ସବିତା ଓ ଶିଭାଂଶ ଯୋଗ ଦେଇ ସମସ୍ତଙ୍କୁ ଉତ୍ସାହିତ କରିଥଲେ। ସର୍ବଶେଷରେ ସଂଘର ମୁଖ୍ୟ ପରିଚାଳକ ସେବକ ସୂର୍ଯ୍ୟ ନାରାୟଣ ଭୂୟାଁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## • କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ

# ନେତାଜୀ ଜୟନ୍ତୀ ପାଳିତ



**କଟକ :** ମହାନ ସ୍ୱାଧୀନତା ସଂଗ୍ରାମୀ, ଆଜାଦ ହିନ୍ଦ ଫୌଜର ପ୍ରତିଷ୍ଠାତା ନେତାଜୀ ସୁବାଷ ବୋଷଙ୍କ ୧୨୯ ତମ ଏବଂ ଅନ୍ୟତମ ସ୍ୱାଧୀନତା ସଂଗ୍ରମୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ନିଗମ ମେୟର ସୁଭାଷ ଚନ୍ଦ୍ର ସିଂହ, ଚୌଦ୍ୱାର କଟକ ବିଧାୟକ ଶ୍ରୀ ସୌଭିକ ବିଶ୍ୱାଳ, ଡେପୁଟି ମେୟର ଦମୟନ୍ତୀ ମାଝୀ, ବରିଷ୍ଠ ନେତା ମଧୁସୂଦନ ସାହୁ, ପ୍ରଦୀପ୍ତ ଖୁଣ୍ଟିଆ, ମହମ୍ମଦ ସକିଲ, ଅନିତା ବେହେରା, ପ୍ରକାଶ ସିଂହ, ନନ୍ଦଲାଲ ସିଂହ, ପୂର୍ଣ୍ଣିମା ସିଂହ, ପ୍ରଫୁଲ୍ଲ ବେହେରା, କର୍ପୋରେଟର ସୁବ୍ରତ ଘଡେଇ, ସୟଦ ଏକ୍ରାମ ହୁସେନ ପ୍ରମୁଖ ଯୋଗଦେଇ ଦୁଇ ମହାନ ସଂଗ୍ରାମୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ମାତୃଭୂମି ପ୍ରତି ସମର୍ପଣ ମନୋଭାବ ରଖି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ମେୟର, ବିଧାୟକ, ଡେପୁଟି ମେୟର, ସମସ୍ତ କର୍ପୋରେଟର ଓ ଉପସ୍ଥିତ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କଟକ ଜିଲ୍ଲା ଅବକାରୀ ବିଭାଗର ଚଢ଼ଉ

# ୪ ନିଶା ବେପାରୀ ଗିରଫ



**କଟକ :** କଟକ ଜିଲ୍ଲା ଅବକାରୀ ବିଭାଗର ମୋବାଇଲ ୟୁନିଟ୍ ଦୀର୍ଘଦିନର ରେକୀ ପରେ ଅତର୍କିତ ଭାବରେ ଚଢ଼ଉ କରି, ଚାରି ନିଶା ବେପାରୀଙ୍କୁ ଗିରଫ କରିଛି । ଏଥି ସହ ଏକ ଅଟୋକୁ ମଧ୍ୟ କାବୁ କରି ନିଜ କବ୍ଜାକୁ ନେଇଛି ଅବକାରୀ ବିଭାଗ। ଅଭିଯୁକ୍ତ ମାନଙ୍କୁ କଟକ ସହରର ବିଡାନାସୀ, ଦେଉଳସାହି, କିଶୋରନଗର, ସଦର ଥାନା ଅନ୍ତର୍ଗତ କାଜି ପାଟଣା, ବାଲିକୁଦା ଛକ, ଜଗତ ପୁର ଗୋଲେଇ ଛକ ନିକଟରୁ ଗିରଫ କରାଯାଇଛି। ଚଢ଼ାଉ ସମୟରେ ଏମାନଙ୍କ ଠାରୁ ମୋଟ ୨୬୬ଲିଟର ଦେଶୀ ମଦ ଜବତ ହୋଇଥିଲା ଯାହାର ବଜାରରେ ମୂଲ୍ୟ ତିନି ଲକ୍ଷ ତେପନ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଏହି ଚଢ଼ାଉ ଅଭିଯାନକୁ ଚତୁରତାର ସହ ରେକୀ କରାଯାଇ କଟକ ଅବକାରୀ ସୁପରଟେଣ୍ଡ କରୁଣା ଶଙ୍କର ତିଓ୍ୱାରୀ ଙ୍କ ନିର୍ଦ୍ଦେଶ କ୍ରମେ କରା ଯାଇଥିଲା।ଏହି ଚଢ଼ାଉ ରେ କଟକ ଅବକାରୀ ବିଭାଗ ମୋବାଇଲ ୟୁନିଟ ଆଇ ଆଇ ସି ଶ୍ରୀ ଭକ୍ତ ବତ୍ସଳ ବର୍ମା ଙ୍କ ନେତୃତ୍ୱ ରେ ଏସ ଆଇ ଅକ୍ଷୟ କୁମାର ଜେନା,ଏସ ଆଇ ଜୟ ପ୍ରକାଶ ବେହୁରିଆ, କନେଷ୍ଟବଳ ଅଜୟ କୁମାର ଜେନା, କନେଷ୍ଟବଳ ଦେବବ୍ରତ ଓଝା, କନେଷ୍ଟବଳ ଶଙ୍କର ସିଙ୍ଗ, ମହିଳା କନେଷ୍ଟ ବଳ ଦମୟନ୍ତୀ ନାଥ ପ୍ରମୁଖ ଚଢ଼ାଉ ଅଭିଯାନ ରେ ସାମିଲ ରହିଥିଲେ।






# କଲେଜଛକରେ ଖୋଲିଲା ଗୋଲଡେନ ସ୍ପାଇସ ରେଷ୍ଟୁରାଣ୍ଟ

**କଟକ :** ପବିତ୍ର ଶ୍ରୀପଞ୍ଚମୀ ଅବସରରେ କଲେଜ ଛକସ୍ଥିତ ଆଡ ହସ୍ପିଟାଲ ନିକଟରେ ଉଦ୍‌ଘାଟିତ ହୋଇଯାଇଛି ଶୀତତାପ ନିୟନ୍ତ୍ରିତ ଗୋଲଡେନ ସ୍ପାଇସ ରେଷ୍ଟୁରାଣ୍ଟ । ଏହି ଉଦ୍‌ଘାଟନୀ ଉତ୍ସବରେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ସର୍ଜରୀ ବିଶେଷଜ୍ଞ ଡାକ୍ତର ଉମେଶ ରାୟ, ଏସସିବି ମେଡିକାଲର ବିଧାୟକଙ୍କ ପ୍ରତିନିଧି ଦିଲୀପ ସାହୁ, ସମାଜସେବୀ ରଘୁନାଥ ରାମ ପ୍ରମୁଖ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ପୂର୍ବରୁ ଭଗବତୀ ହୋଟେଲ ନାମରେ ଏଠାରେ ସମ୍ପୂର୍ଣ୍ଣ ନିରାମିଶାଷୀ ଖାଦ୍ୟ ପରିବେଷଣ କରାଯାଉଥିବା ବେଳେ ବର୍ତମାନ ଏହି ଶୀତତାପ ନିୟନ୍ତ୍ରିତ ରେଷ୍ଟୁରାଣ୍ଟରେ ସମସ୍ତ ପ୍ରକାରର ଫାଷ୍ଟଫୁଡ୍ ଆଇଟମ୍ ସାଙ୍ଗକୁ ଚିକେନ ଏବଂ ମଟନର ସମସ୍ତ ପ୍ରକାରର ସୁସ୍ୱାଦୁ ଖାଦ୍ୟ ଉପଲବ୍ଧ ହେବ ବୋଲି ରେଷ୍ଟୁରାଣ୍ଟର ପ୍ରୋପାଇଟର ସତ୍ୟ ନାରାୟଣ ପ୍ରସାଦ, ବୈଭବ ପ୍ରସାଦ ଏବଂ ଆର୍ଯ୍ୟାନ ପ୍ରସାଦ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ କୁମାର ସାହୁ, ଅବିନାଶ ସାହୁ, ବିଷ୍ଣୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



# ବଡ଼ ଦେଉଳର ବନ୍ଧୁ

ଉମେଶ ଚନ୍ଦ୍ର ପଟ୍ଟନାୟକ

ହେ ବଡ଼ ଦେଉଳର ବନ୍ଧୁ
ତୋର ଦରଶନ ବିକଳ ମୋ ମନ
ଭାବରେ ମତେ ତୁ ଛନ୍ଦୁ
ମୋ ବଡ଼ ଦେଉଳର ବନ୍ଧୁ...(୦)

ଯାହା ଉତ୍ସର୍ଗୀଲୁ ମୋଲାଗି ଯା କଲୁ
ସବୁତ ତୋହରି ଦାନ
ଅମା ଅନ୍ଧକାରେ ଆଲୋକ ଶିଖାରେ
ତୁ ତ ତା'ର ନିଦର୍ଶନ,
ଅଧା ଅଧା ହସ୍ତେ ଦେଇ ଦେଇ ପ୍ରଭୁ
ତୁ କରୁଣା ବାରି ସିନ୍ଧୁ
ମୋ ବେଡ଼ ଦେଉଳର ବନ୍ଧୁ... (୧)

ତୁତ ବନ୍ଧୁ ମୋର ଶୟନେ ସପନେ
ମୋତେ ଦେଉଥିବୁ ଦେଖା
କେତେ ଅବିବେକି ତୋପରି ବନ୍ଧୁକୁ
କରିଛି ମୁଁ ଅଣ ଦେଖା,
ଅନେକ ଜଞ୍ଜାଳ ମତେ ତୁ ଦେଇରେ
ଅତୁଆ ସୂତାରେ ଛନ୍ଦୁ
ମୋ ବଡ଼ ଦେଉଳର ବନ୍ଧୁ...(୨)

ଆସିବି ଆସିବି କେତେ ମୁଁ ଭାବିଛି
ଲାଗି ନଥିଲା ତୋ ଡୋରି
ମନର ଉତ୍କଣ୍ଠା ଏତେ ବଢ଼ିଗଲା
ଆସିଲି ଘରୁ ବାହାରି,
ମନେ ମନେ ମତେ ଖୋଜୁଥିଲୁ କିବା
ଭାବଗ୍ରାହୀ କୃପାସିନ୍ଧୁ
ମୋ ବଡ଼ ଦେଉଳର ବନ୍ଧୁ...(୩)

ସୁଖରେ ଅଛୁକି ଦୁଃଖରେ ଅଛୁରେ
(ମୋ)ଗତିମୁକ୍ତି ପ୍ରାଣସଖା
ମୁହଁ କାହିଁତୋର ସୁଖୀ ଯାଇଛିରେ
ହସର ମିଳୁନି ଦେଖା,
ଦେବକୀ ଯଶୋଦା ବାତ୍ସଲ୍ୟ ମମତା
ମନେ ପକାଇ କି କାନ୍ଦୁ ?
ମୋ ବଡ଼ ଦେଉଳର ବନ୍ଧୁ...(୪)

ମନେ ପଡୁଛିକି କଦମ୍ବର ବନ
ଗୋପୀଙ୍କ ଯମୁନା କେଳୀ
ମନେ ପଡୁଛିକି ରାଧା ପ୍ରେମାମୃତ
ଗୋପାଙ୍ଗନା ଗୋପବାଳି,
ଗୋପ ସାଙ୍ଗସାଥୀ ସୁବଳ ସୁଦାମ
ଅନେକ ପ୍ରୀତିର ବନ୍ଧୁ
ମୋ ବଡ଼ ଦେଉଳର ବନ୍ଧୁ...(୫)

ଦେବଦାସୀ ଆଉ ନୃତ୍ୟେ କି ମୋହୁନି
ଶୟନ କକ୍ଷେ ତୋହର
ମାଆ ଲକ୍ଷ୍ମୀ କିବା କଳହେ ମଜ୍ଜିଲେ
ମନ ସୁଖିଛି ପ୍ରଭୁର,
କୁହ ମୋତେ ଫେଡି କହେ କରଯୋଡ଼ି
ତୁତ ମୋ ଭାବର ବନ୍ଧୁ
ମୋ ବଡ଼ ଦେଉଳର ବନ୍ଧୁ...(୬)

ତୋର ଯଦି ଏତେ ମନ ବିସ୍ତାପିତେ
ଅନ୍ତର ଦୁଃଖା ଭରଣ
ମୋ ଦୁଃଖ ମୁଁ ଆଉ କାହାକୁ କହିବି
କା ପାଶେ ପଶି ଶରଣ,
ଫେରିଯିବି ବୋଲି ଛଳନା କରୁକି
କପଟରେ ମୋତେ ଛନ୍ଦୁ
ମୋ ବଡ଼ ଦେଉଳର ବନ୍ଧୁ
ହେ ମୋ ବଡ଼ ଦେଉଳର ବନ୍ଧୁ...(୭) ■

ଭୂଷଣ୍ଡପୁର(ଖୋର୍ଦ୍ଧା)
ମୋ.- ୯୯୩୭୧୯୭୦୦୧



# ବନ୍ଧୁତାର ମାନେ

ଯଶୋବନ୍ତ ପଟ୍ଟନାୟକ

ମିଳନ ବିଚ୍ଛେଦ ସୁଖଦୁଃଖ ଭରା
ଏଇତ ଜୀବନ ଗୀତି,
ହସ ଭରିଦିଏ ସୁନେଲି ସପନ
ଲୁହ କହିଯାଏ 'ଇତି' ।।୧।।

ଯିବା ଆସିବାର ସମୟ ଦୁଆରେ
ଦିନ ସବୁ ଯାଏ ବିତି,
ଇତିହାସର ସେ ଚଉତାଫାଳରେ
ରହିଯାଏ ଖାଲି ସ୍ମୃତି ।।୨।।

ସଦା ଅତୁଟ ଏ ବନ୍ଧୁତାର ଡୋର
ସ୍ନେହ, ପ୍ରେମ, ଭାବ,ପ୍ରୀତି ;
ଅଲିଭା ଏ ଆଭା ଚିର ଦୀପ୍ତିମନ୍ତ
ମମତାର ସୁଧାବତୀ ।।୩।।

ଆସିଛି ଆଜି ଯେ କାଲି ବାହୁଡ଼ିବ
ଏଇ ତ' ସଂସାର ରୀତି,
ଛାଇ ଆଲୁଅର ମିଳନ ରେଖାରେ-
ଠିଆ ଶୂନ୍ୟତାର ଭୀତି ।।୪।।

ସ୍ୱାଗତ-ବିଦାୟ ଦୁଇଟି ଦୁଆର
ମଝିରେ କରମ ସାଥୀ,
ସେ କରମ ଏକା ଆଣେ ଅମରତ୍ୱ
ଅସରନ୍ତି ଯଶଖ୍ୟାତି ।।୫।।

ବନ୍ଧୁଟିଏ ସିଏ ବନ୍ଧୁର ପଥେ ଯେ'
ହାତ ସଦା ଧରିଥାଏ,
ଆଖି ଦେଖି ଯିଏ ମନକଥା ବୁଝେ
ଦୁଃଖ ବେଳେ ପାଖେ ରହେ ।।୬।।

କିଛି ନ ଦେଲେ ବି ଅମୂଲ୍ୟ ଜିନିଷ-
ସମୟକୁ ଦେଇଥାଏ,
ବନ୍ଧୁ ପରି ସିଏ ବନ୍ଧୁଟିଏ ଏକା
ଭାଗ୍ୟବଳେ ମିଳିଥାଏ ।।୭।। ■

ଓଡ଼ଗାଁ, ନୟାଗଡ଼

# ଜାନୁଆରୀ ୨୬

ହରିହର ପାଣିଗ୍ରାହୀ

ଜାଗରେ ଜାଗରେ ଓଡ଼ିଆ ପୁଅ ତୁ
ସାଜରେ ସାଜରେ ଆଜି
ତୋ ଜାତି ସନ୍ତାନ ଲଭି ଅପମାନ
ଉଠିଅଛି ଆଜି ତେଜି
ଯେଉଁଦିନ ହେଲା ଗଣତନ୍ତ୍ର ଏ ଦେଶ
ଜାନୁଆରୀ ଏ ଛବିଶ
ଉଣେଇଶ ପଚାଶ ପସିହା ଅଟେ
ସ୍ମରଣୀୟ ଏ ଦିବସ ।
ନାହିଁ ଗୋପବନ୍ଧୁ, ମଧୁବାବୁ ଆଉ
ସୁବାଷ ବୋଷ ସର୍ଦ୍ଦାର
ଯାଇଛନ୍ତି ଚଳି ଦେଇ ଆତ୍ମବଳି
ତାଙ୍କରି ଗୁଣ ସୁମର
ଅନେକ ଶୁଭେଚ୍ଛା 'ହର୍ଷିକା'କୁ
ହର୍ଷିକା ଓଡ଼ିଆ ଖବର
ଦେଇ ଚାଲୁଥାଉ ଆମକୁ
ନିତି ନିତି ନୂଆ ଖବର ।। ■

# ନାଁ ଟି ମୋର ରସୁଣ

● ସୁସ୍ମିତା ପଣ୍ଡା

ନାଁ ଟି ମୋର ରସୁଣ
ରକ୍ତରେ କୋଲେଷ୍ଟେରୋଲ୍ କୁ କରେ
ନିୟନ୍ତ୍ରଣ ।।
ଦେଖିବାକୁ ମୁହିଁ ଶ୍ୱେତ
ରୋଷେଇଘରେ ମାଆ କରେ
ମୋତେ ବ୍ୟବହୃତ ।।



କଳି କଳି ମିଶି ହୁଏ ତିଆରି
ତୁମ ସ୍ୱାସ୍ଥ୍ୟ ପାଇଁ ବହୁ ହିତକାରୀ ।।
ମାଟି ତଳେ ମୁହିଁ ବୃଦ୍ଧି ହୁଏ
ମୋହର ଗାଢ଼ ଗନ୍ଧ ସ୍ୱାଦ ରହେ ।।
ରସୁଣ କୁ ହଳଦୀ ସହ ଶରୀରେ ଯିଏ
ବୋଳି ହୁଏ
କାଛୁ କୁଣ୍ଡିଆ ତା'ର ଭଲ ହୁଏ ।।
ମୋତେ ଖାଇଲେ ସର୍ଦ୍ଦି କାଶ
ହୁଏ ଦୂର
ମୁଁ କେବେ ହୋଇପାରିବିନି ସ୍ୱାର୍ଥପର ।।

● କେନ୍ଦୁଝର

# ବୋଉ

ଶ୍ରୀ ସଞ୍ଜୟ କୁମାର ଦାସ

ବୋଉଲ ବୋଉ
କେତେ ସ୍ନେହ ଶରଧାର ନାମତୁ ବହୁ
ବାତ୍ସଲ୍ୟ ସ୍ନେହ, ମମତା ତୋର
ସମସ୍ତଙ୍କୁ ବାଣ୍ଟୁ ହୋଇ ନିଜର
ଦଶମାସ ଦଶଦିନ ଗର୍ଭରେ ରଖିଲୁ
କେତେ ଝଡ଼ ଝଞ୍ଜା ତୁ ନ ସହିଲୁ
ହାତଧରି ଆମ ଚଲା ଶିଖାଇଲୁ
ଭଲ ମନ୍ଦ ସବୁ ହସି ହସି ତୁ ସହିଲୁ
ଯେବେ ଆମେ ଆସୁ ଭୋକରେ ଦଉଡ଼ି
ଭାତ ଡାଲି ବାଢ଼ି ଦେଉ ନ କରି ଡେରି
ବୋଉ ନାମଟି ବହୁ ଅମୂଲ୍ୟ
ସଂସାରେ କେ ଅଛି ତାର ସମତୁଲ
ଯେବେ ତୁ ଦେଖୁ ଦୁଃଖ, ଲୁହ ଆୟୁର
ମନ ହୋଇ ଉଠେ ତୋର ଆତୁର
ଆଖି ଖୋଲି ଦେଲେ ପଡେ ନଜର
ମମତାମୟୀ ବୋଉ ଆମର
ସୁଖରେ ରହୁକି ଦୁଃଖରେ ରହୁ
ସେ ସବୁକୁ ତୁ କିଛି ନ କହୁ
ବୋଉଲୋ ବୋଉ ଦଦାସର୍ବଦା
ସ୍ନେହ ସଂସାରରେ ବୁଲାଉ ଥାଉ
ବୋଉଲୋ ବୋଉ
କେତେ ସ୍ନେହ ଶରଧାର ନାମ ତୁ ବହୁ ।। ■

# ନେତାଜୀ ତୁମେ ମହାନ

ସୁକାନ୍ତ କୁମାର ମହାପାତ୍ର

ଭାରତ ଚିହ୍ନିଲା ତା ବୀର ପୁତ୍ରକୁ, ଦେଲା ଆଜି ସନମାନ
ଇତିହାସେ ଲେଖା ତୁମବୀର ଗାଥା, ନେତାଜୀ ତୁମେ ମହାନ
ତୁମ ଜନ୍ମ ଦିନେ ଭାରତ ଦ୍ୱାରରେ, ହେବ ତୁମେ ଅବସ୍ଥାନ
ତୁମ ଯୋଦ୍ଧା ରୂପ ଦେଖିବ ଜଗତ, ନେତାଜୀ ତୁମେ ମହାନ
ଏନ୍ତୁଡି ଜଳିଲା କଟକ ନଗରେ, ହସେ ଜାନକୀ ଭବନ
ଉତ୍କଳ ଜନନୀ କୋଳରେ ବଢିଲ ଧନ୍ୟ ହେ ନେତାଜୀ ଧନ୍ୟ
ଓଡ଼ିଆର ତୁମେ ଗର୍ବ ଗଉରବ, ଓଡ଼ିଆର ସ୍ୱାଭିମାନ
ଉତ୍କଳ ମାତାର ହେ ବୀର ସନ୍ତାନ, ତୁମକୁ କୋଟି ପ୍ରଣାମ
ଅତୀତ ଭାରତ ଚିହ୍ନି ନ ପାରିହେ, କରିଛି କେତେ ଛଳନା
ଭାରତ ମାତାକୁ ମୁକ୍ତ କରିବାକୁ, ସହିଲ କେତେ ଯାତନା
ଜନମ ଲଭିଲେ ଏ ମର୍ତ୍ତ୍ୟ ମଣ୍ଡଳେ, ମୃତ୍ୟୁଟି ଅଟେ ନିଶ୍ଚିତ
ଆହେ ଯୋଗ ଜନ୍ମା କାହିଁ ଗଲ ତୁମେ, ଜାଣେନା ଏହି ଜଗତ
ନିଜ ଅଧିକାର ଛଡ଼ାଇ ଆଣିବା, ପତାଇବା ନାହିଁ ହାତ
ଇଟାର ଜବାବ ପଥରରେ ଦେବା, କରିବାନୀ ମଥା ନତ
ଆଜାଦ ହିନ୍ଦ ଫୌଜ ଗଢିଲ, ସାଜିତୁମେ ସେନାପତି
ରକ୍ତ ଦିଅ ତୁମେ ସ୍ୱାଧୀନତା ଦେବି, ଶୁଣି ଥରିଗଲା ଛାତି
ମରଣର ଦିନ ଜାଣେନା ଜଗତ, ସେ ଲାଗି ତୁମେ ଅମର
ଭାରତ ମାତାର ହେ ଯୋଗ୍ୟ ସନ୍ତା, ପୁଜୁଛୁ ତୁମ ପୟର
ମାତୃ ଭୂମିର ମୁକତି ପାଇଁ ହେ, ଉଶଛଅର୍ଗ କଲ ଜୀବନ
ସ୍ୱାଧୀନତା ପୂର୍ବୁ କରି ଅଭିମାନ, କାହି ହେଲ ଅନ୍ତରଧାନ
ଏ ଭାରତ ମାଟି ଭୁଲିବ ନାହିଁ ହେ, ତୁମରି ବୀରତ୍ୱ ଗାଥା
ନେତାଜୀଙ୍କ ନାମ ସ୍ମରଣ ମାତ୍ରକେ, ନୁଆଁଇ ଦେବ ତା ମଥା
ତୁମରି ନାମରେ ନାମିତ ହୋଇଲେ, କଟକ ରେଳ ଷ୍ଟେସନ
ଓଡ଼ିଆ ଭାବିବ ଡେରିଲେ ହେଲେବି, ଦେଇଛୁ ଟିକେ ସମ୍ମାନ। ■

Printed, Published and owned by Dr. Byomakesh Kanungo of Gandharba Sahu Lane, PO - Kalyani Nagar, Dist.- Cuttack-753013 (Odisha), Printed at Khetramani Printing Press, At - Darakhapatna, PO - Kalyani Nagar, Dist - Cuttack - 753013

Editor-in-chief : **Dr. Byomakesh Kanungo**
Editor : **Biraja Prasad Kanungo**

**Ph. No. : 7008872226 / 7077233233**
**E-mail : harsikamedia22@gmail.com**

ମୁଖ୍ୟ ସଂପାଦକ : **ଡଃ ବ୍ୟୋମକେଶ କାନୁନ୍‌ଗୋ**
ସଂପାଦକ : **ବିରଜା ପ୍ରସାଦ କାନୁନ୍‌ଗୋ**